| 1 | Inspector | @ 35 |
| 2 | Inspectors | @ 30 each |
| 2 | Inspectors | 25 ,, |

( more will be required in January)

50 Amins @ 15 each for Cadastral survey and Khanapuri.

50 Chainman @ 5 each

H. K. Mahanty.

Puri, the 5th November 1906.

NOTICE.

## District Board, Cuttack

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of work | Quantity |
|---|---|---|
| | Collection of metal on the metalled roads | |
| 1 | Taldanda Loop road | 4000 cft |
| 2 | Jobra Pilgrim road | 7500 ,, |
| 3 | Cuttack Taldanda road | 55000 ,, |
| 4 | Kandalpur Machgaon road | 14720 ,, |
| 5 | Cuttack Chandbali road | 18000 ,, |
| 6 | Cuttack Sonepur road | 24500 ,, |
| 7 | Tanghi Haripur road | 14000 ,, |
| 8 | Kendrapara Indpur road | 1000 ,, |
| 9 | Dharmsalla Kaema road | 4000 ,, |
| 10 | Jajpur Pachikote road | 5000 ,, |
| 11 | Chuttia Mahanga road | 6000 ,, |
| 12 | Jenapur Station approach road ... ... | 3500 ,, |
| 13 | Cuttack main station approach road | 1335 ,, |
| 14 | Taldanda cross road | 2000 ,, |
| 15 | Dhanmandal station approach road | 6000 ,, |
| 16 | Barchana Genguti road | 5000 ,, |
| 17 | Taldanda canal bank road | 5000 ,, |
| 18 | Vyassorobar station road | 15860 ,, |

### RULES.

1. All tenders which must be on Form No. 1 obtainable at this office ( price 0-1-0 each ) must be enclosed in sealed covers and on the outside the name of the work legibly written.

2. All tenders must specify the rates at which the intending contractor will execute the work.

3. Tenders will be received up to 20th November 1906.

4. Tenders not in the proper Form above mentioned will be rejected.

5. The undersigned does not bind himself to accept the lowest or any tender.

CUTTACK
[illegible]-11-06

N. N. MITRA
District Engineer
CUTTACK

Split by PDF Splitter
Digitized by srujanika@gmail.com

Split by PDF Splitter



## NOTICE.

A Lady is desirous of taking a few private Pupils, English and Indian Ladies or children. Music, English, and Fancy work taught.—Apply for particulars to Miss Baker, Mission House, Mission Road, Cuttack.

WANTED for the Gangpur Feudatory State, a qualified Hospital Assistant to supervise vaccination work, Permanent employment to a competent and energetic man. Salary Rs. 25 (Rupees Twenty-five), and Travelling allowance. Apply to

The Dewan
Gangpur,
Via Jharsuguda,
B. N. R.

WANTED a reliable Contractor to undertake all the Public works of this State including buildings, Roads, Bundhs and irrigation channels. The cost of works amounts to Rs. 30000 per annum. Applications with testimonials will be received till 30th November 1906.

6—11—06 } G. S. Mahanti
Nayagarh } Government Agent.

Applications are invited for the post of Head Clerk and Treasurer in the office of the Manager, Bonai Tributary State. Salary Rs. 50 per mensem, with free quarters. Applicants must have passed the F. A. Examination of an Indian University. Preference will be given to a graduate with some office Experience. The selected candidate will be required to furnish security of Rs. 700 and to join at once. Apply to Manager, Bonai Tributary State, Bonaigarh, Via Panposh, P. O. Bengal.

### ବିଜ୍ଞାପନ ।

ସେବ୍ରାପଡ଼ା ଇଷ୍ଟେଟ ସବାସେ ମାସିକ ୫୦୯ ଙ୍କା ବେତନରେ ଜଣେ [illegible] ଦରକାର । ଯେଉଁମାନେ ଏ କାର୍ଯ୍ୟରେ ପ୍ରାର୍ଥୀ ହେବେ ସେମାନେ ନିଜ ନିଜ ପ୍ରଶଂସାପତ୍ର ସହିତ ଚଳିତ ମାସ ତା ୨୫ ତାରିଖ ପର୍ଯ୍ୟନ୍ତ ନିମ୍ନଲିଖିତ ଠିକଣାରେ ଅନ୍ତ ଇଂରେଜୀରେ ଆବେଦନ କରିବେ । ଯେଉଁମାନେ ଅନ୍ୟ କୌଣସିଠାରେ ଉକ୍ତ କାର୍ଯ୍ୟ କରି ଉତ୍ତୀର୍ଣ୍ଣ ଅଛନ୍ତି ସେମାନଙ୍କର ପ୍ରାର୍ଥନା ସବାସେ ଗୃହୀତ ହେବ ।

[illegible] } Jogendranath Mookerji Common Manager

### ବିଜ୍ଞାପନ ।

ପଞ୍ଚାମୃତ୍ତାର ମଧ୍ୟ ଇଂରାଜୀ ବିଦ୍ୟାଳୟ ନିମନ୍ତେ ମାସିକ ୫୭୯ ଙ୍କା ବେତନରେ ଏକ ଜଣ ଶୟ ପଣ୍ଡିତ ଆବଶ୍ୟକ । ଚଳିତ ମାସ ତା ୩୦ ରିଖ ମଧ୍ୟରେ ସମ୍ପାଦକଙ୍କ ନିକଟରେ ଆବେଦନ ଦେବାକୁ ହେବ କାର୍ଯ୍ୟରେ ଦକ୍ଷତା ଦେଖାଇଲେ ବେତନ ବୃଦ୍ଧି ହେବାର ସମ୍ଭବ ।

ତା ୬।୧୧।୦୬ } ସମ୍ପାଦକ Ram Lal Bagchee
ପଞ୍ଚାମୃତ୍ତାର } ପଞ୍ଚାମୃତ୍ତାର ସ୍କୁଲ ।

କଳମାଲ ସବଡିଭିଜନ ଅନ୍ତର୍ଗତ ବେରେ ନାପଡ଼ା ଡାକ୍ତରଖାନା ସବାସେ ୬୮ ଣ କମ୍ପାଉଣ୍ଡର ଆବଶ୍ୟକ । ମାସିକ ବେତନ ୫୧୫ ଙ୍କା ଓ ସ୍ଥାନୀୟ ଭତ୍ତା ୫୨ ଯେଉଁମାନେ କମ୍ପାଉଣ୍ଡର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ଆବେଦନ କରି ପାରିବେ ।

Dated Angul } B. MISRA,
2—11—06. } For Deputy Commissioner.

ଉତ୍କଳସହିତ୍ୟର ଉନ୍ନତି ବାଟେ ଅଧିବେଶନରେ ଯୋଗଦେବା ନିମନ୍ତେ ପ୍ରାଚୀନ ଉତ୍କଳବାସୀମାନଙ୍କ ନାମ ବେ ନିମନ୍ତ୍ରଣପତ୍ର ପଠାଯିବା ଆବଶ୍ୟକ । ମାତ୍ର ସମସ୍ତଙ୍କର ନାମ ଧାମ ଅମ୍ଭମାନଙ୍କୁ ଜଣା ନାହିଁ । ଏ ହେତୁ ଏକଦ୍ୱାରା ଉତ୍କଳର ସମସ୍ତ ସମ୍ବାଦପତ୍ରର ସମ୍ପାଦକ ମହାଶୟମାନଙ୍କୁ ଅନୁରୋଧ ଯେ ସେମାନେ ସେ ଅଞ୍ଚଳର ଶିକ୍ଷିତ ବ୍ୟକ୍ତିମାନଙ୍କ ନାମ, ଗ୍ରାମ, ପୋଷ୍ଟାଫିସ ଏବଂ ଜିଲା ଲେଖି ଅତି ଶୀଘ୍ର ପଠାଇଦେବେ । ଏହା କଲେ ମହାମ କାର୍ଯ୍ୟରେ ବିଶେଷ ଅନୁଗ୍ରହ ହେବ । ସକଳ ସମ୍ପାଦକମାନଙ୍କ ବ୍ୟତୀତ ଅପର ବ୍ୟକ୍ତିମାନେ ନିମନ୍ତ୍ରଣଯୋଗ୍ୟ ବ୍ୟକ୍ତିମାନଙ୍କ ନାମ ଧାମ ଲେଖି ପଠାଇଲେ ତାହା କୃତଜ୍ଞତାର ସହିତ ଗୃହୀତ ହେବ । ଲିଖିତ ପ୍ରବନ୍ଧମାନେ ନିମନ୍ତ୍ରଣପତ୍ର ବଣ୍ଟନ ଭାର ଗ୍ରହଣ କରିବାକୁ ଇଚ୍ଛା କଲେ ସମ୍ମିଳନର ବିଶେଷ ଉପକାର ହେବ । ତାହାଙ୍କର ସେବେ ଏକ ପତ୍ର ଅବଶ୍ୟ ଜଣାଇଲେ ପଠାଇଦିଆଯିବ । ନଭେମ୍ବର ମାସ ତା ୨୦ ରିଖ ମଧ୍ୟରେ ନାମ ଧାମର ତାଲିକା ଏବଂ ନିମନ୍ତ୍ରଣ ପତ୍ରର ସଂଖ୍ୟା କଟକ ଯୋବ୍ରା, କଟକ ଠିକଣାରେ ଶ୍ରୀ ଗୋପାଳ [illegible] କୁମାରଙ୍କ ନାମରେ ପଠାଇବାକୁ ହେବ ।

କାର୍ଯ୍ୟନିର୍ବାହକ ସଭାର } ଶ୍ରୀ ଜଗଦୀଶ ଦାସ
ଆଫିସ } ଶ୍ରୀ ସଦାଶିବ ବିଦ୍ୟାଭୂଷଣ
୧୭ । ଗଞ୍ଜାମ } ଶ୍ରୀ ଗୋପାଳ ବିଦ୍ୟାରତ୍ନ
୬।୧୧।୦୬ } ସମ୍ପାଦକଗଣ ।

### ବିଜ୍ଞାପନ ।

ବଙ୍ଗଳା ଗଭର୍ଣ୍ଣମେଣ୍ଟ ପୁଷ୍ପ ଉଦ୍ୟାନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ବିଜ୍ଞାପନ ଦିଆଯାଉଅଛି ଯେ ବାଲୁଆ ଦୁଆରରେ ଥିବା ଜାତୀୟ ଜଙ୍ଗଲ ହେବା ନିମନ୍ତେ ପ୍ରଥମ ସନ ୧୯୦୬ ମସିହା [illegible] ଉପସ୍ଥିତ ଜଙ୍ଗଲ ତାହା ପରବର୍ତ୍ତୀ ଦୁଇସାଲ ବିକ୍ରିପାଇଁ ସନ ୧୯୦୬ ମସିହା ଡିସେମ୍ବର ମାସ ତା ୩୦ ରିଖକୁ ସ୍ଥିର [illegible] ହେଲା ।

ଖୋର୍ଦ୍ଧା } B. G. A. HANNAH,
୬।୧୧।୦୬ } Divisional Forest officer
Puri Division.

### ଜୋତାଘର ଦର୍ଗା ।

ସହର କଟକ । ଗୋଁ । ମନସୁର ବଜାର ଶାହମାଗାଇ ଗଳିରେ ଥିବା ଡକ୍ଟରଙ୍କ [illegible] ନାମରେ ଅମୂର ଜୋତା ଏବଂ ବଲ ଓ ବୋମ୍ବାଇ ବ ୩୦ ଖର ଏବଂ ପାଲୁଉଁର ଓ ବାଜେବର ଓ ଅସୁନ୍ଦର ବଜିବା ଜନ୍ୟ ଏହ ହେବେ ମାସିକ ହେଉଅଛିରେ ଏହା ଦଅଯିବ ଉକ୍ତ ଜୋତାଘର ଦର୍ଗା ହେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଅମୂର କର୍ମଗୃହ ମନସୁର ବଜାର କବାଟୀ ଶ୍ରୀ ଅନନ୍ତ, ଡିକେଟାରେ କମ୍ପା ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରିଲେ ଦରଦରା ସମ୍ବନ୍ଧେ ଅଧ୍ୟାତ୍ମ ସମସ୍ତ ବିଷୟ ଅବଗତ ହୋଇ ପାରିବେ ।

Shibendra Pada Banarji,
P. O Jagatpur,
Cuttack.

ନୂତନ ପୁସ୍ତକ । ନୂତନ ପୁସ୍ତକ ।

## ଆରବ୍ୟ - କୁସୁମ

ବା

ଜଗତ୍ ବିଖ୍ୟାତ ଓ ସର୍ବଜନାଦୃତ ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ।

ଶ୍ରୀ ଖଣ୍ଡ ମୂଲ୍ୟ ୫ ୦ ।୶

୧ମ ଓ ୨ୟ ଖଣ୍ଡର ମୂଲ୍ୟ ଯଥାକ୍ରମେ ୫ ୦ ଓ ୫ ୦ ୶ ଡାଃ ମାଃ ସ୍ୱତନ୍ତ୍ର

କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

## ମେଘଦୂତ ।

ଅନୁବାଦକ, କାଳିଦାସଙ୍କ କୃତ ମୂଳ ସହ ଓ ତାହାର ଭାବାର୍ଥ ସହିତ [illegible] କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୀ ହେଉଅଛି ।

ମୂଲ୍ୟ ୫ ୦ ।୶

ଗୋଟିଏର ଘାଟି ଡାକମାଶୁଲ ୫ ୦ ୬

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା ।

ଭାରତୀୟ କୃଷି ଓ ଶିଳ୍ପ ପ୍ରଦର୍ଶନୀ ସକାଶେ ନିମ୍ନଲିଖିତ ଚାନ୍ଦା ସ୍ୱାକ୍ଷରିତ ହୋଇଅଛି । ରାଜା ପ୍ୟାରିମୋହନ ମୁଖର୍ଜି ଟ ୫୦୦୦୦ ଙ୍କା । ଶ୍ରୀଯୁକ୍ତ ଅଲ, ଏନ, ମୁଖର୍ଜି ଟ ୨୦୦୦୦ ଙ୍କା । ରାଜା ଗୋପେନ୍ଦ୍ରକୃଷ୍ଣ ଦେବ ଟ ୧୦୦୦୦ ଙ୍କା ।

ଗତ ତା ୩ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗଦ୍ୱାରା ୪୭୧୧ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହରୁ କ୍ରମାଗତ ଊଣା ପଡିଆସୁଅଛି ପୁଣି ଗତବର୍ଷର ଏହି ସମୟର ଅଙ୍କ ତୁଳନାରେ ବହୁତ ଊଣ ହେବା ଅଧିକ ଶୁଭ ଅଟେ ।

ଗତ ତା ୩ ରିଖରେ ଶେଷ ହେବା ସପ୍ତାହରେ ପୂର୍ବ ବଙ୍ଗ ଓ ଆସାମ ପ୍ରଦେଶରେ ୧୨,୪୬୬ ଏବଂ ବଙ୍ଗପ୍ରଦେଶରେ ୪୫,୬୦୮ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ତହିଁ ପୂର୍ବ ସପ୍ତାହ ପ୍ରତି ପୂର୍ବ ବଙ୍ଗରେ ୨୩ହଜା ଅଧିକ ଏବଂ ବଙ୍ଗରେ ପ୍ରାୟ ସେହି ପରିମାଣ ଊଣା ଥିଲା । ଯୁକ୍ତପ୍ରଦେଶରେ ୧୩୧୬ ଜଣ ସାହାଯ୍ୟ ପାଉଥିଲେ । ବମ୍ବେଇର ଇଂରାଜ ଏବଂ ଦେଶୀୟ ରାଜ୍ୟରୁ ଦୁର୍ଭିକ୍ଷ ପ୍ରାୟ ଅନ୍ତର୍ହିତ ହୋଇଅଛି ।

ବର୍ତ୍ତମାନ ଚାଉଳ ଦୁର୍ମୂଲ୍ୟ ହୋଇଥିବାରୁ ବର୍ଦ୍ଧମାନର ମହାରାଜା ସ୍ୱଦେଶରୁ ଆଦେଶ ପଠାଇଅଛନ୍ତି ଯେ ତାଙ୍କ ଜମିଦାରି ଟ ୨୦ ଙ୍କା ପର୍ଯ୍ୟନ୍ତ ବେତନଭୋଗୀ କର୍ମଚାରୀମାନେ ଯେତେଦିନ ପର୍ଯ୍ୟନ୍ତ ଶସ୍ୟ ଦୁର୍ମୂଲ୍ୟ ଥିବ ତେତେଦିନ ପ୍ରତିମାସ ଦେଢ଼ା ବେତନ ପାଇବେ । ମହାରାଜାଙ୍କର ସହୃଦୟତା ପ୍ରଶଂସନୀୟ ଅଟେ ।

ଗତ ମାସ ତା ୪ ରିଖଠାରୁ ଚଳିତ ଡିସେମ୍ବର ମାସ ତା ୮ ରିଖ ପର୍ଯ୍ୟନ୍ତ ବୃଷ୍ଟିର ପରିମାଣ ନିୟମିତ ପରିମାଣ ପ୍ରତି ଶତକର ୬୦ ରୁ ଊଣା ଥିଲା । କେବଳ ସିମଲା ଓ ଇନ୍ଦୋରରେ ବହୁ ଅଧିକ ଏବଂ ରାଜପୁତାନାର କେତେକ ଅଂଶ ଏବଂ ଓଡିଶାରେ ବିଶେଷ ଊଣା ଥିଲା । ଓଡିଶାରେ ପ୍ରକୃତରେ ଏବର୍ଷ ଅତ୍ୟଳ୍ପ ବୃଷ୍ଟି ହୋଇଅଛି ।

ସମ୍ପ୍ରତି ବିଲାତରେ ଜ ୩୮ ଣ ଭାରତୀୟ ସିଭିଲସର୍ଭିସ ପଦରେ ବଙ୍ଗଳା ପ୍ରେସିଡେନ୍ସି ନିମନ୍ତେ ନିଯୁକ୍ତ ହୋଇ ଭାରତକୁ ଆସୁଅଛନ୍ତି । ସେମାନଙ୍କ ମଧ୍ୟରେ ଜ ୩ ଣ ଭାରତବାସୀ ଅଛନ୍ତି, ଶ୍ରୀଯୁକ୍ତ ଶଙ୍କର ବାଲାଜି ଧାରିଆ ବଙ୍ଗପ୍ରଦେଶରେ, ଶ୍ରୀଯୁକ୍ତ ହରାସୂଦନ ଶଙ୍କର ମେହତା ଯୁକ୍ତପ୍ରଦେଶରେ ଏବଂ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦେ ମଧ୍ୟପ୍ରଦେଶରେ ଅବସ୍ଥାପିତ ହୋଇଅଛନ୍ତି ।

ଭାରତର ଟଙ୍କଶାଳାମାନ ସମ୍ପର୍କରେ ତଦନ୍ତ ରିପୋର୍ଟ କରିବା କାରଣ ବିଲାତ ଷ୍ଟେଟ ସେକ୍ରେଟରୀ ମହାଶୟ ସର୍ ହାମିଲଟନ ପିମହିଥ ସାହେବଙ୍କୁ ନିଯୁକ୍ତ କରିଅଛନ୍ତି । ସେହିମାସ ଶେଷଭାଗରେ ଏ ମହାଶୟ ବିଲାତରୁ ଭାରତ ଅଭିମୁଖେ ଯାତ୍ରା କରିବେ । ଏ ଉଦ୍ଦେଶ୍ୟରେ ଏହାଙ୍କର ନିଯୁକ୍ତି ଯଥ ଉପ କାହିଁକରେ ହୋଇଗଲା ଅମ୍ଭମାନଙ୍କୁ ଜଣା ନାହିଁ । ତଥାପି ଏହାଙ୍କଦ୍ୱାରା ଭାରତୀୟ ଟଙ୍କଶାଳାମାନଙ୍କର ଅବସ୍ଥା ନ ହୋଇ ଶ୍ରୀ ବୃଦ୍ଧି ହେଲେ ଅମ୍ଭେମାନେ ସୁଖୀ ହେବୁଁ ।

ଟ୍ରାନ୍ସଭାଲଠାରୁ ଭାରତର ଲୋକ ଯିବାର ନିଷେଧ ହେବା ବିଷୟରେ ଭାରତବାସିଙ୍କ ପକ୍ଷରୁ ବିଲାତକୁ କେତେକ ମୁଖ୍ୟଲୋକ ପ୍ରେରିତ ହୋଇଥିବାରୁ ସେମାନଙ୍କର ସୁବାଷ୍ଟ ଶୁଣିବା କାରଣ ବିଲାତ ପାର୍ଲିଆମେଣ୍ଟର ଜ ୭୦ ଣ ମେମ୍ବର ମତ୍ତ କରିଥିଲେ । ଉକ୍ତ ସଭାରେ ଅମ୍ଭମାନଙ୍କର ପରିଚିତ କଟନ ସାହେବ ସଭାପତି ହୋଇଥିଲେ । ସଭାରେ ଅମ୍ଭମାନଙ୍କର ଭୂତପୂର୍ବ ଷ୍ଟେଟ ସେକ୍ରେଟରୀ ସର୍ ଚର୍ଲ ଡାଇଲକନ ସାହେବ ଉପସ୍ଥିତ ଥିଲେ ଏବଂ ସର୍ବବାଦୀ କ୍ରମେ ସେମାନଙ୍କ ପ୍ରତି ସହାନୁଭୂତି ସୂଚକ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିଲା । ପରିଣାମ କ୍ରମଶଃ ଜଣାଯିବ ।

ସିଭିଲସର୍ଭିସ ପରୀକ୍ଷା ଭାରତରେ ସ୍ଥାପିତ ହେବା କାରଣ ବିଲାତ ପାର୍ଲିଆମେଣ୍ଟରେ ପ୍ରଶ୍ନ ଉଠନ୍ତେ ଅମ୍ଭମାନଙ୍କର ଷ୍ଟେଟସେକ୍ରେଟରୀ ମହୋଦୟ ପ୍ରକାଶ କଲେ ଯେ ଏତତ୍ସମ୍ବନ୍ଧରେ ସନ ୧୮୯୪ ମସିହାରେ ଯାହା ନିଷ୍ପତ୍ତି ହୋଇଅଛି ତହିଁରୁ ଅନ୍ୟରୂପ ହେବାସକାଶେ କୌଣସି କାରଣ ସମୁପସ୍ଥିତ ହୋଇ ନାହିଁ ।—ସୁତରାଂ ଏ ପରୀକ୍ଷା ଭାରତରେ ସ୍ଥାପନ ହେବା ପକ୍ଷେ ଅନୁକୂଳ କେତେହେଲେ ଦିଶୁଗଲା । ଇଂରାଜମାନେ ଯେ ସ୍ୱଜନରେ ଏ ଅଧିକାରଟା ଛାଡିଦେବେ ଏମନ୍ତ ଆଶା ହେଉ ନାହିଁ ।

ଏହା ସ୍ଥିର ହୋଇଅଛି ଯେ ବଡଲାଟ ସାହେବ ଓଡିଶା ପରିଦର୍ଶନ କରିବେ । ପ୍ରାୟ କୋଡ଼ିଏ ଜଣ ରାଜା ମହାରାଜା ଓ ଜମିଦାର ସେଠାରେ ଉପସ୍ଥିତ ହେବା ନିମନ୍ତେ ନିମନ୍ତ୍ରିତ ହୋଇଅଛନ୍ତି । ଛୋଟଲାଟ ସାହେବ ଆଗାମୀ ଜାନୁୟାରିମାସ ତା ୮ ରିଖରେ ଅଙ୍ଗୁଲରେ ପହଞ୍ଚିବେ ଓ ତା ୧୫ ରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ । ବଡଲାଟ ଅମିଣ୍ଡ ତା ୯ ରିଖରେ ଉପସ୍ଥିତ ହେବେ । ବଡ଼ଲାଟ ସାହେବ ତାଙ୍କର ଅଭ୍ୟର୍ଥନା କଟକଠାରେ କରିବେ । ବର୍ଷାରମ୍ଭରେ ଅଙ୍ଗୁଲରେ ବଡ଼ ଧୁମଧାମ ହେବାର ଅନୁମିତ ହେଉଅଛି ।

ବାବୁ କାର୍ତ୍ତିକଚନ୍ଦ୍ର,ଚନ୍ଦ୍ର,ଙ୍କର ଡେପୁଟି କଲେକ୍ଟରୀ ନିଯୁକ୍ତ ହେବାରେ ଉତ୍କଳୀୟ ବଙ୍ଗଯୁବକ ସମାଜ ର ସାହିତ୍ୟ ସମ୍ପାଦକ ଶ୍ରୀ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଅଟନ୍ତି ଗବର୍ଣ୍ଣମେଣ୍ଟକୁ ଏକ ଆବେଦନ ପଠାଇବା କଥା ଷ୍ଟାର ଅବ ଉତ୍କଳ ପ୍ରକାଶ କରୁଅଛନ୍ତି । ଏଥିରୁ ଓଡ଼ିଆ ଓ ବଙ୍ଗାଳୀ ବିବାଦ ବଢ଼ନ୍ତି କି ଏ କଥା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଷ୍ଟାର ସେହି ଆବେଦନ ପତ୍ରର ମର୍ମ ଅବା ନ ଦେଇ ତାହା ଯେ ଅବଗତ ହେଲେ ତାହା ପ୍ରକାଶ କରିବା କାରଣ 'ଷ୍ଟାରଙ୍କୁ' ଆହ୍ୱାନ କରୁଅଛନ୍ତି । ଭରସା କରୁଁ ସହଯୋଗୀ ତାହା ଭୁଲିଇ ପାରିବେ ।

ସହରରେ ଓ ମୋଫସଲରେ ଗରୁ ଚୋରି ବାହାର କରି ନେଇ ବିଦେଶରେ ବିକ୍ରୟ କରିବା କଥା ଅନେକ,ଶୁଣା ଯାଉଅଛି । ନିକଟରେ ଏ ନଗରର ଦୂରୀବାଟସ୍ଥ ବାବୁ ଶାମସେନ ଗନ୍ତରଙ୍କର ଗୋଟିଏ ବଳଦ ଚୋରିପତ ହୋଇଯାଇଥିଲା । ବାବୁ ମହୋଦୟ ଅନ୍ୱେଷଣଦ୍ୱାରା ଉକ୍ତ ଗୋରୁକୁ ଏ ନଗରର ମା ଉର ଅନ୍ତର ନଦୀରପଦାଠାରେ ସ୍ୱୀକାର ଅବଗତ ହୋଇ ପୋଲିସଦ୍ୱାର ଧରି ଅଣାଇଲେ । ପୋଲିସ ତଦନ୍ତରେ ପ୍ରକାଶ ହେଲା ଯେ ତାଙ୍କର ଏକ ସହୃଦ ଅନ୍ୟ ଏକ ଘାଟ ସାହାଯ୍ୟରେ ଉକ୍ତ ବଳଦକୁ ଗତ ଅକ୍ଟୋବର ମାସ ତା ୧୦ ରିଖ ରାତ୍ରରେ ଗୁହାଳଘରୁ ନେଇଯାଇ କହରୟାର ସଙ୍ଗ ବ୍ରାହ୍ମଣକୁ ବିକ୍ରୟ କରିଥିଲା । ତାହାଠାରୁ ଟ ୨୧ ଓ ଗୋଟିଏ ବାଛୁରି ନେଇ ଏ ଗ୍ରାମର ଅନ୍ତରରେ ଶ୍ରୀରଙ୍ଗଠାରେ ପୁଣି ବାଛୁରୀଟିକୁ ବିକ୍ରୟ କରିଥିଲା । ବର୍ତ୍ତମାନ ଉକ୍ତ ଦୁଇ ପାଣ ମଧ୍ୟରୁ ଜଣ ନାମକ ସନ୍ତୁଷ ଧରାହୋଇ ଏଠା ଡେପୁଟୀ ମାଜିଷ୍ଟ୍ରେଟ ବାବୁ ନରେନ୍ଦ୍ର,କୁମାର ଘୋଷଙ୍କ ବିଚାରରେ ମା ୬ ସ କଠିନ ପରିଶ୍ରମ ସହ ଦଣ୍ଡ ପାଇଅଛି ମାତ୍ର ଅନ୍ୟ ପାଣ ବର୍ତ୍ତମାନ ଫେରାର ଅଛି । ଏପ୍ରକାରରେ ଦେଶ ପ୍ରାୟ ସାଧାରଣତଃ ପାଣ ବା ନିକୃଷ୍ଟ

Digitized by srujanika@gmail.com

Split by PDF Splitter



ତାଙ୍କଦ୍ୱାରା ହୁଅଇ । ସେଉଁମାନଙ୍କ ଘରେ ଏପରି ନିକୃଷ୍ଟଜାତର ଲୁଣ ଅଛନ୍ତି ସେମାନେ ସାବଧାନ ହେବେ ।

---

ଏଠା ରେଭେନସା କଲେଜକୁ ଖୋରଧା ଅଥବା ଜଟଣୀ ପଡ଼ିଆକୁ ଉଠାଇନେବା ସମ୍ବନ୍ଧରେ ଯେଉଁ ପ୍ରସ୍ତାବ ଚଳୁଅଛି ସେଥିପ୍ରତି ଏଠା ଓଡ଼ିଆମାନଙ୍କର ମତ ଭେଦ ହୋଇଥିଲା ଏବଂ ଓଡ଼ିଆମାନଙ୍କର ଆଗ୍ରହରେ ରେଭେନସା କଲେଜ ଉଠି ନ ଯିବାର ଏତଦାଦ୍ୟରେ ଧାର୍ଯ୍ୟ ହୋଇଅଛି । ଉତ୍କଳସଭାରେ ମଧ୍ୟ କଲେଜ ବର୍ତ୍ତମାନ ସ୍ଥାନରୁ ଉଠି ନ ଯିବାର ଧାର୍ଯ୍ୟ ହୋଇଥିବା ବିଷୟ ପାଠକମାନଙ୍କୁ ଜଣାଅଛି । ଉତ୍କଳ ସମ୍ମିଳନୀର ଏଥି ପ୍ରତି ମତ ଦେବା କାରଣ ପକ୍ଷ ଅଛିଅଛି । ଅତଏବ କାର୍ଯ୍ୟ ଉତ୍କଳ ସଭାରେ ସମ୍ବନ୍ଧ ଏ ବିଷୟର ଅଲୋଚନା ହେବ ଏବଂ ସଭାରେ ଧାର୍ଯ୍ୟହେବା ମତ ଅମ୍ଭେମାନେ ଯଥା ସମୟରେ ପାଠକମାନଙ୍କୁ ଜଣାଇବୁଁ । ସମ୍ମିଳନୀର ମତ ଅନ୍ୟରୂପ ନ ହେବାର ଅମ୍ଭେମାନେ ଅନୁମାନ କରୁଅଛୁଁ । ଫଳତଃ ବର୍ତ୍ତମାନ ସ୍ଥାନରୁ କଲେଜ ଉଠିଯିବା ଏଠା ଲୋକଙ୍କର କଦାପି ଅନୁମୋଦନ ହେବ ନାହିଁ ଏବଂ ଇଞ୍ଜିନିୟରିଂ ସ୍କୁଲ ମଧ୍ୟ ଯେଉଁ ସ୍ଥାନରେ ହେବା କାରଣ ଭୂମି ନିଆଯିବାର କଲିକତା ଗେଜେଟରେ ଛପା ହୋଇଅଛି ସେହି ସ୍ଥାନରେ ହେବା ପ୍ରତି ଅଧିକାଂଶ ଲୋକଙ୍କର ମତ ଅଛି । ଏ ଉଭୟ ସ୍ଥାନ ସ୍ୱାସ୍ଥ୍ୟପ୍ରଦ ଏବଂ ଅମଲ ଇତ୍ୟାଦ ବଶିଷ୍ଟ ବ୍ୟକ୍ତିମାନଙ୍କର ନିବାସର ନିକଟବର୍ତ୍ତୀ ଥିବାରୁ ଅଧିକ ସୁବିଧାଜନକ ଅଟେ । ପରସ୍ତାବକୁ ଦକ୍ଷିଣପକ୍ଷମାନେ କଲେଜ ଉଠାଇବା ତଥା ତ୍ୟାଗ କରି ଦେବାଗ ଅଦାଲତ ନିମନ୍ତେ ଅନ୍ୟ ସ୍ଥାନ ଖୋଜିନେବେ ।

---

ମଇମନସିଂହଠାରେ ସ୍ୱଦେଶୀ ଆନ୍ଦୋଳନ ସମ୍ବନ୍ଧରେ ଜଣେ ମୁସଲମାନକୁ ଅଟକାଇ ରଖି ଟ ୧୦୦ ଙ୍କାର ଜାମିନରେ ଖଲାସ ଦେବା, ବିଷୟରେ ଫୌଜଦାରୀ ଅଦାଲତରେ ନାଲିସ ହୋଇଥିଲା । ମୌଲଭୀ ଅବ୍ଦୁଲ ମହମଦ ଡେପୁଟୀ ମେଜେଷ୍ଟ୍ରେଟଙ୍କ ଅଦାଲତରେ ମୋକଦ୍ଦମା ଚାଲିଥିଲା । ସେ ମହାଶୟ ଜମାଲପୁରକୁ ବଦଳି ହୋଇଯିବାରୁ ଜଏଣ୍ଟ ମେଜେଷ୍ଟ୍ରେଟ ଅପଣା ନିକଟକୁ ନଥି ନେଇଗଲେ । କାରଣ ଏତ ଅଶାମିର ଓକିଲ ମୋକଦ୍ଦମା ଦାୟର ହୋଇଥିବାର ପ୍ରକାଶ କରନ୍ତେ ମେଜେଷ୍ଟ୍ରେଟ ସାହେବ ମୋକଦ୍ଦମା ଗ୍ରହଣ ଯୋଗ୍ୟ ନ ଥିବାର କହି ଜମାଲପୁରକୁ ସେହି ଡେପୁଟିଙ୍କ ନିକଟକୁ ହୁକୁମ ସହିତ ନଥି ପଠାଇଦେଲେ । ଏହି ଡେପୁଟି ମେଜେଷ୍ଟର ମଇମନସିଂହଠାରେ ସ୍ୱଦେଶୀ ଆନ୍ଦୋଳନ ବିରୁଦ୍ଧରେ ହୋଇଥିବା ସଭାର ଜଣେ ପୃଷ୍ଠପୋଷକ ଏବଂ ମୌଲଭୀଙ୍କ ସପକ୍ଷରେ ଓ ସ୍ୱଦେଶୀ ଆନ୍ଦୋଳନ ବିରୁଦ୍ଧରେ ମୃଦେଇ କାର୍ଯ୍ୟ କରୁଥିବା ହେତୁରୁ ତାହାଙ୍କୁ ଅଟକାଇ ରଖି ଟ ୧୦୦ ଙ୍କା ଜାମିନରେ ଖଲାସ ଦେବା ମୋକଦ୍ଦମାର ବିଚାର ଥିବାରୁ ସେହି ମୌଲଭୀ ଡେପୁଟିଙ୍କଦ୍ୱାରା ଏ ମୋକଦ୍ଦମା ବିଚାର ହେବା ଅନୁଚିତ ଥିବା ଓ ଜମାଲପୁରକୁ ସାକ୍ଷୀ ଇତ୍ୟାଦି ନେଇ ଯିବା କଷ୍ଟକର ଥିବା ହେତୁବାଦରେ ହାଇକୋର୍ଟରେ ମୋକଦ୍ଦମା ମଇମନସିଂହର ଅନ୍ୟ ହାକିମଙ୍କଦ୍ୱାରା ବିଚାରିତ ହେବା କାରଣ ମୋସନ ଅଣାଯାଇଥିଲା । ବିଚାରପତିମାନେ ମୋକଦ୍ଦମା ଉପରୋକ୍ତ ଅନ୍ୟ ହାକିମଙ୍କଦ୍ୱାରା ବିଚାରିତ ନ ହେବ ତହିଁର କାରଣ ଦେଖାଇବା ନିମିତ୍ତ ରୁଲ ଜାରି କରିଅଛନ୍ତି ।—ସ୍ୱଦେଶୀ ଆନ୍ଦୋଳନ ହେତେପ୍ରକାରେ ଲୋକଙ୍କୁ ଲଣ୍ଡଭଣ୍ଡ କରୁଅଛି !

---

ଗତ ଜୁଲାଇମାସରେ ମାନ୍ୟବର ବଙ୍ଗେଶ୍ୱର ଶ୍ରୀଯୁକ୍ତ ହେୟର ସାହେବଙ୍କର ଏ ନଗରକୁ ଶୁଭାଗମନ ଉପଲକ୍ଷରେ ସେହି ମହୋଦୟଙ୍କର ଅଭ୍ୟର୍ଥନା ନିମନ୍ତେ ଯେଉଁ ସାଧାରଣ ଚାନ୍ଦାଦ୍ୱାର ଅର୍ଥ ସଂଗୃହୀତ ହୋଇଥିଲା ତହିଁର ଆୟ ବ୍ୟୟର ତାଲିକା ଅଭ୍ୟର୍ଥନା ସମିତିର ସମ୍ପାଦକଙ୍କଠାରୁ ପ୍ରାପ୍ତ ହୋଇ ନିମ୍ନେ ପ୍ରକାଶ କଲୁଁ । ଚାନ୍ଦାଦାତାଙ୍କ ନାମ ଗତ ଜୁଲାଇମାସ ତା ୨ ରଖର ପତ୍ରିକାରେ ପ୍ରକାଶ ହୋଇଥିବାରୁ ଆଉ ଥରେ ଲେଖିବାର ପ୍ରୟୋଜନ ନାହିଁ । କେବଳ ଏତିକି ଲେଖିଲେ ଯଥେଷ୍ଟ ହେବ ଯେ ଚାନ୍ଦା ପ୍ରକାଶ ହେବା ପରଠାରୁ ଶ୍ରୀ ରାଜା ବୈକୁଣ୍ଠ ଟ ୩୦୦୧ ଙ୍କା ଶ୍ରୀ ରାଜା ମଧୁପୁର ଟ ୨୫ ଙ୍କା ଓ ଶ୍ରୀ ରାଜା ତାଳଚେର ଓ ବାବୁ ଜାନକୀନାଥ ବସୁ ଟ ୨୦୧ ଙ୍କା ଦେଇଥିଲେ, ମୋଟ ଆୟ ଟ ୧୪୩୮।୫ ମଧ୍ୟରୁ ବ୍ୟୟ ଟ ୧୨୨୪।୩ ବାଦ ବାକି ଟ ୨୧୦।୨

ଆୟ ।

| | |
|---|---|
| ମୋଟ ଚାନ୍ଦା ଅଦାୟ | ଟ ୧୪୧୮ |
| ହାଠ ବାଉଁଶ ଇତ୍ୟାଦ ନିଲାମ ଅମଦାନ | ଟ ୩୫୬୯ |
| ପୂର୍ବ ଅଭ୍ୟର୍ଥନାସମିତିର ଉଦ୍‌ବର୍ତ୍ତ | ଟ ୩୧୬୮ |
| ମୋଟଆୟ ଟଂ | ଟ ୧୪୩୮।୫ |

ଖର୍ଚ୍ଚର ବିବରଣ ।

| | |
|---|---|
| ୧ ରାସ୍ତା ସଜାଇବା | ଟ ୧୯୪ । |
| ୨ ଗାଟକର ମୂଲ୍ୟ | ଟ ୧୧୭ ।୬ |
| ୩ ଆଲୁଅ ଜୋପବାଜି | ଟ ୧୩୯ |
| ୪ ପେଣ୍ଡାଲ ଖର୍ଚ୍ଚ | ଟ ୫୦୨।୬ |
| ୫ ସୌନ୍ଦର୍ଯ୍ୟବାକ୍ସର ମୂଲ୍ୟ | ଟ ୨୨୯ |
| ୬ ମିଲନର ବସ୍ତ୍ରପେଣ୍ଟ ଓ ରଣୀହାଟ ଦୃଷ୍ଟି ଟୁଲ ସଜାଇବା ଖର୍ଚ୍ଚ | ଟ ୧୫୩।୵ |
| ୭ ଛପାଇବା ଖର୍ଚ୍ଚ | ଟ ୨୯୩ |
| ୮ ବାଜେ ଖର୍ଚ୍ଚ | ଟ ୧୩୵ |
| ୯ ଘଣ୍ଟା ଖରଚ | ଟ ୮୪୨ |
| ଟଂ | ଟ ୧୨୨୪।୩ |

---

ଅମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖି ଅଛନ୍ତି ଯେ ଯାଜପୁର ଅନ୍ତର୍ଗତ କୃଷ୍ଣପୁର ନିବାସୀ ଶ୍ରୀ ବାବୁ ଗୋପୀକାନ୍ତ ବୋଷ ଓକିଲ ଓ ବାଲେଶ୍ୱର କଲେକ୍ଟରର ଭୂତପୂର୍ବ ହେଡ଼ କ୍ଲାର୍କ ବର୍ତ୍ତମାନ ପେନସନ ପ୍ରାପ୍ତ ଶ୍ରୀ ବାବୁ ଦୟାନିଧି ଗସ୍ତ ଗତ ରବିବାର ସନ୍ଧ୍ୟା ସମୟରେ ଶ୍ରୀ ବିରଜା ଠାକୁରାଣୀଙ୍କ ପ୍ରାଙ୍ଗଣରେ ଉକ୍ତ ଠାକୁରାଣୀଙ୍କର ସମସ୍ତ ସେବକ, ପୂଜାରୀ ପଣ୍ଡିତଙ୍କ ଏକତ୍ରିତ କରି ଠାକୁରାଣୀଙ୍କର ଭୋଗରେ ବ୍ୟବହାର ହେଉଥିବା ବିଲାତି ଲବଣ ଓ ଚିନିର ଅପବିତ୍ରତା ବିଷୟ ସେମାନଙ୍କର ହୃଦୟଙ୍ଗମ କରାଇ ଭବିଷ୍ୟତରେ ଉକ୍ତ ଲବଣ ଓ ଚିନି ପରିବର୍ତ୍ତେ ଦେଶୀ କରକଚ ଲବଣ ଓ ଦେଶୀ ଚିନିର ମିଷ୍ଟାନ୍ନମାନ ବ୍ୟବହାର କରିବା କାରଣ ଅନୁରୋଧ କରିବାରେ ସେମାନେ ଆଉ ବିଲାତି ଚିନି ଓ ଲବଣ ଆଉ ବ୍ୟବହାର ନ କରି କରକଚ ଲବଣ ଓ ଦେଶୀ ଚିନି ଆଉ ବ୍ୟବହାର କରିବା କାରଣ ଠାକୁରାଣୀଙ୍କର ସମସ୍ତ ସେବକ ଓ ପୂଜାରୀମାନେ ଠାକୁରାଣୀଙ୍କଠାରେ ଶପଥ କରିଅଛନ୍ତି ମଧ୍ୟ ଉକ୍ତ ବେହ୍ରା ବାବାଜୀ ଯେଉଁ ସମସ୍ତ ସୁଆରମାନେ ବିଲାତି ଚିନିର ପ୍ରସ୍ତୁତ ମିଠାଇ ଆଦି ଠାକୁରାଣୀଙ୍କ ଭୋଗ ନିମନ୍ତେ ଯାତ୍ରୀମାନଙ୍କ ବିକ୍ରୟ କରୁଥିଲେ ଉକ୍ତ ସୁଆରମାନେ ମଧ୍ୟ ଦେଶୀ ଚିନିରେ ମିଷ୍ଟାନ୍ନ ପ୍ରସ୍ତୁତ କରିବା ନିମନ୍ତେ ଉକ୍ତ ଠାକୁରାଣୀଙ୍କ ସମ୍ମୁଖରେ ଶପଥ କରି ବିଲାତି ଚିନି ପରିବର୍ତ୍ତେ ଦେଶୀ ଚିନି ଓ ଗୁଡ଼ ବ୍ୟବହାର କରୁଅଛନ୍ତି ମାତ୍ର ସେଠାର ଅନ୍ୟ ଦୁଇ ପ୍ରଧାନ ଦେବତା ଶ୍ରୀ ଜଗନ୍ନାଥ ଓ ଶ୍ରୀ ବରାହନାଥ, ଇତ୍ୟାଦିଙ୍କ ମନ୍ଦିରରେ ଏବେ ମଧ୍ୟ ବିଲାତି ଲବଣ, ଚିନି ଓ ବିଲାତି ଖଣ୍ଡ ଘିଅ ବ୍ୟବହାର ହେଉଅଛି । ଆଶା କରୁଁ ସେ

Digitized by srujanika@gmail.com

ଅଧ୍ୟକ୍ଷ ମହୋଦୟମାନେ ଶ୍ରୀ ବିରଜା ଠାକୁରାଣୀଙ୍କ ମନ୍ଦିର ପାଇଁ ବିଦେଶୀ ଚିନିଗତ ଲବଣ ଓ ଚିନି ବ୍ୟବହାର କରିବା ପକ୍ଷେ ସମ୍ମତ ହେବେ ସେଠାର ତାବତୀୟ ଭଦ୍ରଲୋକ ଓ ଠାକୁରବାଡ଼ିର ଅଧ୍ୟକ୍ଷମାନେ ଦେଶୀୟ ଲବଣାଦି ପ୍ରଚଳନ ପକ୍ଷରେ ଯଥାମତ ଚେଷ୍ଟା କରିବେ ।

---

## ବିବାହୋପଯୋଗୀ ବୟସ ।

ଅଷ୍ଟ୍ରିୟାରେ ତ ୧୪ ବର୍ଷ ବୟଃକ୍ରମରୁ ସ୍ତ୍ରୀ ଓ ପୁରୁଷ ଗୃହକାର୍ଯ୍ୟ ଚଳାଇବାର ଉପଯୁକ୍ତ ବୋଲି ବିବେଚିତ ହୁଅନ୍ତି । ଜର୍ମାନୀରେ ବରର ବୟସ ଅବଶ୍ୟ ତ ୧୮ ବର୍ଷରୁ ନ୍ୟୂନ ନୁହେ ମାତ୍ର କନ୍ୟାର ବୟସର ବିଷୟର ସାଧାରଣ ରୂତ ଅନୁଯାୟୀ । ଫ୍ରାନ୍ସରେ ବରର ବୟସ ୧୮ ଓ କନ୍ୟାର ବ ୧୫ ବର୍ଷ ଓ ବେଲଜିୟମରେ ସେହି ନିୟମ ଚଳଇ । ସ୍ପେନରେ ବର ଚତୁର୍ଦ୍ଦଶ ବର୍ଷ ଓ କନ୍ୟା ଦ୍ୱାଦଶ ବର୍ଷ ବୟଃକ୍ରମ ଅତିକ୍ରମ କରିଥିବ, ହଙ୍ଗାରୀରେ ରୋମାନକାଥୋଲିକର ବର ବ ୧୪ ବର୍ଷ ଓ କନ୍ୟା ବ ୧୨ ବର୍ଷ, ଆଉ ପ୍ରୋଟେଷ୍ଟାଣ୍ଟ ବର ୧୮ ଓ କନ୍ୟା ୧୫ । ଗ୍ରୀସରେ ବର ବ ୧୪ ବର୍ଷ ଓ କନ୍ୟା ବ ୧୨ ବର୍ଷ ପର୍ତ୍ତୁଗାଲରେ ମଧ୍ୟ ସେହି ନିୟମ । ରୁଷିୟା ଓ ସେକ୍ସନିରେ ଲୋକେ ଟିକିଏ ଅଧିକ ଜ୍ଞାନୀ ଅଟନ୍ତି । ଏହି ଦୁଇ ଦେଶରେ କେହି ଯୁବକ ବୟଃକ୍ରମ ୧୮ ବର୍ଷ ଅତୀତ ହୋଇ ନ ଥିଲେ କଦାପି ବିବାହ କରିବ ନାହିଁ ଯୁବତୀ ମଧ୍ୟ ବ ୧୬ ବର୍ଷରୁ ନ୍ୟୂନରେ ବିବାହ ହେବେ ନାହିଁ । ସ୍ୱିଜର୍ଲଣ୍ଡରେ ବ ୧୪ ବର୍ଷ ବୟସରୁ ପୁରୁଷ ଓ ବ ୧୨ ବର୍ଷରୁ କନ୍ୟାମାନେ ବିବାହର ଉପଯୁକ୍ତ ହୁଅନ୍ତି । ତୁର୍କୀରେ ପୁରୁଷ ଓ କନ୍ୟା ସନ୍ତାନ ଜନ୍ମାଇବାର ଶକ୍ତି ଓ ଅବସ୍ଥାସୂଚକ ଚିହ୍ନ ପାଇବାରୁ ସକ୍ଷମ ହେଲେ ବିବାହ ସଂଯୋଗ ହୋଇପାରେ । [illegible] ଅବା ୮ ବର୍ଷର ଲୋକମାନଙ୍କ ବିବାହ ହୁଅନ୍ତି । ସେହିପରି ୬ ଠାରୁ ୧୪ ବର୍ଷ ବୟଃକ୍ରମ ପର୍ଯ୍ୟନ୍ତ ବାଳକମାନେ ମଧ୍ୟ ବିବାହ ହୁଅନ୍ତି । ଚୀନ ଦେଶରେ ସ୍କୁଲ ବେଞ୍ଚରେ ବସିଥିବା ବାଳକ ବାଳିକାମାନେ ଯେଉଁମାନେ କି ନୃତ୍ୟ ଗୀତ ବା ଅନ୍ୟପ୍ରକାର ବାଲକ୍ରୀଡ଼ା କରି ଥାଆନ୍ତି ସେମାନେ ବିବାହ କରିବାକୁ ନିଷେଧ ନାହିଁ ।

---

## ଓଡ଼ିଶାର ବିବରଣୀ—୧

ସନ ୧୯୦୦।୦୧ ଠାରୁ ସନ ୧୯୦୪।୦୫ ପର୍ଯ୍ୟନ୍ତ ଓଡ଼ିଶାର ପାଞ୍ଚବର୍ଷୀୟ ବିବରଣୀ ସମ୍ବନ୍ଧରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟର କିୟଦଂଶ ଏସ୍ଥଳରେ ପ୍ରକାଶ କରୁଅଛୁଁ । ଯେ ସମସ୍ତ ଅଙ୍କଉପରେ ଉକ୍ତ ମନ୍ତବ୍ୟ ଗଠିତ ହୋଇଅଛି ସେ ସମସ୍ତ ଜନସାଧାରଣଙ୍କର ଜାଣିବା ଆବଶ୍ୟକ । ବିଶେଷତଃ ବୃଷ୍ଟି ଫସଲ ବାଣିଜ୍ୟ ଏବଂ ମାଦକ ଦ୍ରବ୍ୟର ପରିମାଣ ଲୋକେ ଜାଣିଲେ ଆପଣାର ଅବସ୍ଥା ବୁଝି ପାରିବେ ଓ ସାଧ୍ୟମତେ ସାବଧାନ ହେବେ ଏହି ଆଶାରେ ସେ ସମସ୍ତ ର କିଛି ଆଲୋଚନା କରିବାରେ ପ୍ରବୃତ୍ତ ହେଲୁଁ । ବର୍ତ୍ତମାନ ସେହି ପାଞ୍ଚବର୍ଷର ବୃଷ୍ଟି ଓ ଫସଲର ପରିମାଣ ପ୍ରକାଶ କରୁଅଛୁଁ । ଯଥା :—

| | କଟକ | | ବାଲେଶ୍ୱର | | ପୁରୀ | |
|---|---|---|---|---|---|---|
| ସନ | ବୃଷ୍ଟି | ଫସଲ | ବୃଷ୍ଟି | ଫସଲ | ବୃଷ୍ଟି | ଫସଲ |
| ୧୯୦୦।୦୧ | ୬୩ | ୬୬ | ୭୮ | ୭୮ | ୭୦ | ୮୮ |
| ୧୯୦୧।୦୨ | ୫୧ | ୭୪ | ୫୬ | ୭୨ | ୫୦ | ୮୮ |
| ୧୯୦୨।୦୩ | ୫୬ | ୯୦ | ୫୧ | ୮୨ | ୭୦ | ୯୦ |
| ୧୯୦୩।୦୪ | ୭୧ | ୯୮ | ୭୭ | ୧୦୦ | ୭୯ | ୯୬ |
| ୧୯୦୪।୦୫ | ୫୧ | ୭୭ | ୫୫ | ୯୮ | ୫୬ | ୭୯ |

ବୃଷ୍ଟିର ତଳେ ଲିଖିତ ଅଙ୍କଦ୍ୱାରା ଯେଉଁ ବର୍ଷ ଯେତେ ଇଞ୍ଚ ବୃଷ୍ଟି ହୋଇଥିଲା ବୁଝିବ । କେବଳ ଦଶମିକ ଭଗ୍ନାଂଶ ଅଧଇଞ୍ଚରୁ ଊଣା ପଡ଼ିଥିଲା ଏବଂ ଅଧରୁ ଅଧିକ ଏକଇଞ୍ଚ ବୋଲି ଧରା ଯାଇଅଛି । ଫସଲର ଅଙ୍କମାନ ଯେଉଁ ବର୍ଷ ଶାରଦୀୟ ଶତକଡ଼ା ଯେତେ ହୋଇ ଥିଲା ତାହା ଦେଖାଉଅଛି । ହାରାହାରି ବାର୍ଷିକ ବୃଷ୍ଟି ପରିମାଣ କଟକ ଜିଲାରେ ୬୦.୪୧ ବାଲେଶ୍ୱରରେ ୬୦.୫୬ ଓ ପୁରୀରେ ୫୬.୫୦ ଅଟେ । ଓଡ଼ିଶାର ଖାଦ୍ୟଫସଲ ମଧ୍ୟରେ ସାରଦ ଧାନ ପ୍ରଧାନ । ଅତଏବ ଅନ୍ୟାନ୍ୟ ଫସଲ ଛାଡ଼ିଦେଇ କେବଳ ତାହାର ଅଙ୍କ ପ୍ରକାଶ କଲୁଁ । ଉପରଲିଖିତ ପାଞ୍ଚବର୍ଷ ମଧ୍ୟରେ ପ୍ରଥମ ବର୍ଷ ଅତିବୃଷ୍ଟି ଯୋଗେ ନଦୀବନ୍ୟା ପ୍ରବଳ ହେଲା ଓ ଅନେକ ଫସଲ ଧୋଇ ନେବାରୁ ଉତ୍ପନ୍ନ ଊଣା ହେଲା । ୨ୟ ବର୍ଷ ଅଳ୍ପ ବୃଷ୍ଟି ପୁଣି ତାହା ବର୍ଷାକାଳର ଆରମ୍ଭରେ ନିତାନ୍ତ ଊଣା ହେବାରୁ ଫସଲ ଅବାଧ ଭଲରୂପେ ହୋଇ ପାରିଲା ନାହିଁ ତେଣୁ ସେବର୍ଷ ମଧ୍ୟ ଊଣା ଫସଲ ହେଲା । ଶେଷବର୍ଷର ଫସଲର ଅବସ୍ଥା ସେହିପରି ଥିଲା । କେବଳ ୩ୟ ଓ ୪ର୍ଥ ବର୍ଷର ବୃଷ୍ଟି ଏକପ୍ରକାର ସମପରିମାଣ ଏବଂ ଯଥାକାଳରେ ହୋଇଥିବାରୁ ଏକପ୍ରକାର ଏବଂ ତହିଁ ମଧ୍ୟରେ ୪ର୍ଥବର୍ଷର ଫସଲ ଅଧିକ ଭଲ ଥିଲା । ଫଳତଃ ପାଞ୍ଚବର୍ଷ ମଧ୍ୟରେ କେବଳ ଏକବର୍ଷ ପୂରା ଫସଲ ହୋଇଥିଲା । ଏହା ଅବଶ୍ୟ ଚିନ୍ତାଜନକ ଅବସ୍ଥା ଅଟେ ।

ସେହି ପାଞ୍ଚବର୍ଷରେ ସାଧାରଣ ବା ମୋଟା ଚାଉଳ ଟଙ୍କାକୁ ବାଲେଶ୍ୱରୀ ଓଜନର ଯେତେ ସେର ମିଳୁଥିଲା ନିମ୍ନରେ ଲେଖାଗଲା । ଯଥା—

| ସନ | କଟକ | ବାଲେଶ୍ୱର | ପୁରୀ |
|---|---|---|---|
| ୧୯୦୦।୦୧ | ସେ ୧୫।୶ | ୧୬। | ୧୫/ |
| ୧୯୦୧।୦୨ | ୧୫।/ | ୧୬। | ୧୫୩ |
| ୧୯୦୨।୦୩ | ୧୫।/ | ୧୬୩ | ୧୬।/ |
| ୧୯୦୩।୦୪ | ୨୧୩/ | ୧୧୩ | ୨୦।/ |
| ୧୯୦୪।୦୫ | ୧୧୩/ | ୧୧ | ୧୬/ |
| ବାର୍ଷିକ ହାରାହାରି ୧୮ | ୧୬।/ | ୧୬୩/ | |
| ଉକ୍ତ ଦେ ବର୍ଷର ,, | ୧୫।/ | ୯।/ | ୧୬/ |

ଏଥିରୁ ଦେଖାଯାଏ ଯେ ଶେଷଲିଖିତ ବର୍ଷ ଛଡ଼ା ଅନ୍ୟ ସକଳବର୍ଷରେ ଫସଲର ଉତ୍ପନ୍ନ ସଙ୍ଗେ ଚାଉଳର ଦର ସମାନ ଥିଲା । ଶେଷବର୍ଷରେ ଉତ୍ପନ୍ନ ଊଣା ହେଲେହେଁ ତହିଁ ପୂର୍ବବର୍ଷର ପରି ଉତ୍ପନ୍ନ ହେବାରୁ ଦେଶରେ ବହୁ ଶସ୍ୟ ସଞ୍ଚିତ ରହିଥିବା ଏବଂ ସମ୍ଭବତଃ ଅନ୍ୟାନ୍ୟ ପ୍ରଦେଶରେ ଧାନଫସଲ ଭଲ ହୋଇଥିବାରୁ ରପ୍ତାନି ବଢ଼ି ନ ଥିବାରୁ ଦର ଚଢ଼ି ନ ଥିଲା । କିନ୍ତୁ ସେହି ଅଳ୍ପ ବୃଷ୍ଟି ଓ ଅଳ୍ପ ଉତ୍ପନ୍ନର ଫଳ ଗତବର୍ଷର ଉଦ୍ଭୂତ ଅବସ୍ଥା ସଙ୍ଗେ ମିଶି ବର୍ତ୍ତମାନ ଭୋଗ ହେଉଅଛି ।

---

## ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ହୋବଲ ।—ଶ୍ରୀ ଜଗବାଳକ ଦାସ କର୍ତ୍ତୃକ ପ୍ରଣୀତ, ଦର୍ପଣ ଯନ୍ତ୍ରପ୍ରେସରେ ମୁଦ୍ରିତ । ଅପଣ ହୋବଲ ନାମ୍ନୀ କନ୍ୟାର ମୁଖରେ ଶୋଭାଇ ଭୂତ ହୋଇ ଏ କ୍ଷୁଦ୍ର କବିତା ଲେଖିଅଛନ୍ତି । କବିତାଗୁଡ଼ିକ ସରଳ ଏବଂ ମାର୍ଜିତ ସରଳଭାଷାରେ ଲେଖାଯାଇଅଛି । ନମୁନା ଯଥା—'ପିଣ୍ଡ ଚଢ଼ୁଛି ସରୁ ସମାନ ଉଭର ବିଶେଷ ନାହିଁ ।' ଏଥିରେ ସ୍ୱର୍ଗର ଛବି ଆଙ୍କି ଦେଇଅଛନ୍ତି ତାହା ଅତୀବ ସୁନ୍ଦର ହୋଇଅଛି । 'ଜାତିଧର୍ମ ଭେଦ ନାହିଁ ଟି ସେଠାରେ ଦେବ ଦେବୀ ଅନୁର୍ଗବ'; ପୁଣି 'କଷାୟ ସେଠାରେ ନାହିଁ କେହି କାର୍ଯ୍ୟେ ବ୍ୟସ୍ତ ହବା ସତ' ଏବଂ 'ପିଣ୍ଡ ଶ୍ରାଦ୍ଧ ବିଧି ନାହିଁ ତହିଁ କିଛି ଦ୍ୱିଜେ ଦକ୍ଷିଣା ଲୋଡ଼ନ୍ତି' ଏଥିର ଗୂଢ଼ମର୍ମ ହୃଦୟଙ୍ଗମ କରି ଲୋକେ ଚଳିଲେ ପୃଥିବୀ ସ୍ୱର୍ଗ ହୋଇଯିବ । ଆମ୍ଭେମାନେ ଦେଶବାସିଙ୍କି ଏ କ୍ଷୁଦ୍ର ପୁସ୍ତିକା ପାଠ କରିବାପାଇଁ ଅନୁରୋଧ କରୁଅଛୁଁ ।

ନବ କା—ଏ ଖଣ୍ଡିଏ କ୍ଷୁଦ୍ର କବିତା ପୁସ୍ତକ ଉତ୍କଳସାହିତ୍ୟ ପ୍ରେସରେ ମୁଦ୍ରିତ ଏବଂ ଶ୍ରୀ ଦୟାନିଧି ମିଶ୍ରଙ୍କ କର୍ତ୍ତୃକ ପ୍ରଣୀତ । ଏଥିରେ କବି କବିତା ଦେବୀର ବର୍ଣ୍ଣନା ଅତିସୁନ୍ଦର ଭାବରେ ଲେଖିଅଛନ୍ତି । ସ୍ଥାନେ ସ୍ଥାନେ ସୁନ୍ଦର ପ୍ରକୃତି ବର୍ଣ୍ଣନା ଏବଂ କବିଙ୍କର ଉତ୍ସାହ ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ସରସ୍ୱତୀ ସେବାର ବନ୍ଦନାରେ କବି ସୁମଧୁର ସ୍ୱରରେ କହୁଅ-

Split by PDF Splitter

Digitized by srujanika@gmail.com

Split by PDF Splitter



ଲକ୍ଷ୍ମୀ' ସପତ୍ନୀ ବିଦ୍ୱେଷେ,ସାଗର ସମ୍ଭବା—ଯେଣୁ ରୂପେ ଦେବୀ ପାଳେ 'ସ୍ତନା ଅବା ।' ଦୁଇଶ୍ଲୋକ୍ୟସରେ ଶେଷକୁ ତକ କରୁଅଛନ୍ତି 'ଉତ୍କଳ ବଦ୍ୟାଦି ଜନତା ଜାନିମା-ବନ୍ଧୁବାଳ ହୋଇଥିଲେ ହରହୁଣୀ । ଅନ୍ୟଥା ଥରଲା ଶାଳନ୍ତି ଶ୍ରୀହରି—ପାକ୍ତୁଥିଲେ ତାଙ୍କୁ ବୃଦ୍ଧଜ ଦେଶରେ । ଲକ୍ଷ୍ମୀ ସମ୍ପୂର୍ଣ୍ଣ ହରବା ସମୟରେ ହତ ଲକ୍ଷଣ ଘଟାଇବ ଯେଉଁ ଶୃଙ୍ଖଳା ହରଅଛନ୍ତି ଭକ୍ତିର ସଙ୍ଗ ଯୋଗ୍ୟହୋଇ ମସ୍ତକୋନ୍ନତ କଲେ ଅବଶ୍ୟ ଗୌରବର କଥା ହେବ ।

ସୂର୍ଯ୍ୟମଣି ଗୀତାବଳି ।—ସୂର୍ଯ୍ୟମଣି ଦେଈଙ୍କ କୃତ ହେବେଶୁଭଏ କବିତା ଏ ପୁସ୍ତିକାରେ ଶ୍ରୀ ବାଣଭଞ୍ଜ ଗଉଡଙ୍କଦ୍ୱାରା ହେବାଭାଇ ମୂଲ୍ୟଦାସ ପ୍ରେସରୁ ପ୍ରକାଶିତ ହୋଇଅଛି । ଉତ୍କଳର କେଣେ ସ୍ତ୍ରୀ ମହିଳା ଏପରି ସୁନ୍ଦର କବିତା ଲେଖିପାରନ୍ତି ତାହା ଏହି ପୁସ୍ତିକା ପଢ଼ିଲେ ସୁନ୍ଦର ବୋଧଗମ୍ୟ ହେବ । ଏଥିରେ ମୁଦ୍ରାକରର ଦୋଷ ଅନେକ ରହି ଯାଇଅଛି ଏବଂ ଏଭଳି ପୁସ୍ତକରେ ତାହା ରହିବା ବାଞ୍ଛନୀୟ ନୁହଇ । ଭଗିନୀ କବିତାସଟରେ ଭଦାସ୍ତୁ ହେବା ସମ୍ଭବୀୟ କବିତାଟି ଅତୀବ ମନୋହର ଏବଂ ସ୍ୱାଭାବିକ ହୋଇଅଛି ।

ଝାଙ୍କୁଅଣ୍ଟମର ।—ଶ୍ରୀ ଘନଶ୍ୟାମ ମିଶ୍ର କବିଭୂଷଣଙ୍କଦ୍ୱାରା ପ୍ରଣୀତ । ଓ ତାଲଚେର କଯୋର ପ୍ରେସରେ ମୁଦ୍ରିତ । ଏ ଚୌତିଶ ଛନ୍ଦ କାହାଣୀ ସରଳପଦ୍ୟରେ ରଚିତ ହୋଇଅଛି । ପଦ୍ୟଗୁଡ଼ିକ ଯେମନ୍ତ ସରଳ ସେମନ୍ତ ସରସ ଏବଂ ଗଦ୍ୟର କାହାଣୀ ଗଳ୍ପଠାରୁ ଏହା ଶତଗୁଣେ ଭଲ । ଏହା ବାଳକ ବାଳିକାଙ୍କ ନିମିତ୍ତ ରଚିତ ହୋଇଥିବାରୁ ଏଥିରେ ଆଦିରସର ମାତ୍ରା ଅଟେ ନ ଥିବା ଉଚିତଥିଲା । ସୁତରାଂ 'ସ୍ନେହପିପାସା ମୋ ତଂଶୀ ଉଡ଼ାଇଲେ ଗୃହ ଦେଲୁ ପୟୋଧର' ପ୍ରଭୃତି କଥାମାନ ଛାଡ଼ିଦେଇ ଅନ୍ୟରୂପରେ କହିବାରୁ ସରସ କରିଥିଲେ ଭଲ ହୋଇଥାନ୍ତା । ଯାହାହେଉ କବିଭୂଷଣଙ୍କର କବିତାରେ ଲଳିତ ଦେଖି ଅମ୍ଭେମାନେ ସୁଖୀ ହୋଇଅଛୁ ।

ବାଳବନ୍ଧୁ ।—ଉକ୍ତ କବିଭୂଷଣଙ୍କ ରଚିତ ଓ ଉକ୍ତ ପ୍ରେସରେ ମୁଦ୍ରିତ ଅଳ୍ପ କେତେ ଏ କାହାଣୀ ସମ୍ବନ୍ଧୀୟ କବିତା ପୁସ୍ତକ । ପୂର୍ବୋକ୍ତ ରୂପେ ଏ ପୁସ୍ତିକା ଖଣ୍ଡି ମଧ୍ୟ ସରଳ ଏବଂ ସରସ କବିତାରେ ଲଳିତ ହୋଇଅଛି । ଏଖଣ୍ଡି ଏବଂ ପୂର୍ବୋକ୍ତ ଝାଙ୍କୁଅଣ୍ଟମର ଉଭୟ ପୁସ୍ତକ ରସୁଲକୁଣ୍ଡାରେ ପର୍ଣ୍ଣ ହୋଇଅଛି । ଉଚ୍ଚଶ୍ରେଣୀରୁ ଏ ବୟସରେ ସାବଧାନ ହେବା ଉଚିତ ।

କନ୍ୟା ବଳିଜ ସ୍ପୃହ ବା ଅସ୍ତୁଚିନ୍ତ ।—ଏଥିର ଗତ ମାର୍ଗଶିର ମାସର ୬ଷ୍ଠ ସଂଖ୍ୟା ଅମ୍ଭେମାନେ ଉପହାର ପାଇଅଛୁଁ । ଏ ଖଣ୍ଡିଏ ବଙ୍ଗଳା ପୁସ୍ତକ । କଲିକତା ଭାରତମିହିର ଯନ୍ତ୍ରରେ ଶ୍ରୀ କୃଷ୍ଣନନ୍ଦନ ରାୟଙ୍କଦ୍ୱାରା ପ୍ରଣୀତ ହୋଇ ଏଥିରେ ଲେଖାଅଛି । ଲେଖକ ପୁସ୍ତକର ଭାଗ୍ୟାନ୍ତରେ ପାଗଳର ପ୍ରଳାପ ଲେଖା ହୋଇଥିବାର ଲେଖିଅଛନ୍ତି ଏବଂ ପୁସ୍ତକ ଖଣ୍ଡିକ ପାଠ କଲେ କେତେକ ସ୍ଥାନରେ ଅସମ୍ବଦ୍ଧ କଥା ଲେଖା ଥିବା ହେତୁ ପାଗଳର ପ୍ରଳାପ ହୋଇ ପ୍ରକୃତ ଜଣା ପଡ଼ିଲେହେଁ ପୁସ୍ତକରେ ଅନେକ ଶିକ୍ଷାପ୍ରଦ ଉପଦେଶ ହୋଇଅଛି । ଭାଷା ସରଳ ଏବଂ ସରସ ଅଟେ ।

ବାଳକଦର୍ପଣ ।—ଶ୍ରୀ ବୈକୁଣ୍ଠନାଥ ଦାସ ଙ୍କ ଏଣ୍ଡ କମ୍ପାନି ସଂକଳିତ ଏବଂ ବାଲେଶ୍ୱର ଦେବଙ୍କର ଉତ୍କଳ ପ୍ରେସରେ ମୁଦ୍ରିତ । ଏଥିରେ ଇମ୍ପ୍ରୁଭ୍, କବାଲା, ଅର୍ଜି, ଜବାବ, ଓକାଲତନାମା ପଞ୍ଚା ଇତ୍ୟାଦି ଦଲିଲମାନଙ୍କର ବ୍ୟାଖ୍ୟା ଓ ଲେଖିବାର ପ୍ରଣାଳୀ ଦେଖାଇ ଦଆଯାଇଅଛି । ବୈକୁଣ୍ଠବାବୁ ବାଲେଶ୍ୱରର ଓକିଲ ଏବଂ ଉତ୍କଳର ସୁପରିଚିତ ଲେଖକ ଅଟନ୍ତି । ଜଣେ ଓକିଲ ଦଲିଲର ନମୁନାମାନ ଦେଇଥିବାରୁ ଅମ୍ଭେମାନେ ଉଚ୍ଚ ସମ୍ମାନ କରୁଥିଲୁଁ । ମାତ୍ର ନ ୧୦ ସ୍ଥାନ କବାଲାର ନମୁନା ଦେଖି ମନରେ ସନ୍ଦେହ ଜାତ ହେଲା । ସାଧାରଣତଃ କୋବାଲାମାନଙ୍କରେ "ପଞ୍ଚଭୂତ ଅସ୍ଥା ଭୂଦକମଲ ହୋଉନ୍ତି ଓ ବଣା ଜୋର ଯୁଲମ ଓ ବଳା ବଲାତ୍କାରବେ ସ୍ୱେଚ୍ଛା କରେ" ଏବଂ "ଜଳୁ ଭଣ ଡାଙ୍ଗୁ ପାଷାଣ ନିଖ ନର୍ଗତ ଗ୍ରାହ୍ୟ ଉପଲବ୍ଧ ଭୁଲଉତ୍ତିବାତ" ଇତ୍ୟାଦି ଲେଖାଯାଏ । ବୈକୁଣ୍ଠବାବୁ ସେ ସବୁକୁ ଅନାବଶ୍ୟକ ବୋଧ କରି ଛାଡ଼ି ଦେଇଥିବାର ଜଣାଯାଏ । ମାତ୍ର ମାଲ ମୋକଦ୍ଦମାରେ ସେ ସବୁ ଯେ ଅନେକ ସମୟରେ ଦରକାରରେ ଆସେ ଏବଂ ସେ ସେଇ ଅନେକ ମୋକଦ୍ଦମାରେ ବ୍ୟୁଟ ହର୍ଜ ରଳ ମୋକଦ୍ଦମା ଜିଣନ୍ତି ପାଇଥିବା ବିଷୟ ସେ ଅଭିଜ୍ଞତାବତ ଜାଣ ଦେଖନ୍ତି ତାହାନ୍ତି । ଭବିଷ୍ୟରୁ ସଂସ୍କରଣରେ ବୈକୁଣ୍ଠବାବୁ ଏଥି ପ୍ରତି ଦୃଷ୍ଟି ରଖିଲେ ଅମ୍ଭେମାନେ ସୁଖୀ ହେବୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗଜେଟ୍ ।

କୁମିରେଥିବା ଶ୍ରୀ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଏଡୱାର୍ଡ୍ ଜୋଷ କଟକଜିଲାର ସଦର ମହକୁମାରେ ସ୍ଥାପିତ ହେଲେ ।

ହାକ ଦ୍ୱାର ଶ୍ରୀ ମଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଅକ୍ଷୟକୁମାର ଚୌଧୁରୀ ସୁନ୍ଦରଗଡ଼ ସଦର ମହକୁମାକୁ ବଦଳି ହେଲେ ।

ସନ ୧୮୮୫ ସାଲ ଅ ୮ ଆଇନ୍ର ଧା ୧୦୧ ରୀ ମତେ ମାନ୍ଦ୍ରାଜ ପ୍ରଦେଶର ସୁନ୍ଦରଗଡ଼ ଫୋର୍ଟ ଅଫ୍ ସେଣ୍ଟଜର୍ଜର ଅଧୀନ ଘାଟପୁର ଏବଂ ମାଳୁଦ, ବଡ଼କୋଟ, ଲୁବାରି ଓ ମାଣକପଟଣାରେ ଥିବା ଟାଉନ ମାହାଲର ସମସ୍ତ ଜମି ଉପରେ ଓ ସବୁଆଦି ପ୍ରଜାର ଅଧିକାର ଅଛେଦ ଦେଇଅଛନ୍ତି ।

ସୁନ୍ଦରଗଡ଼ର ସେକ୍ରେଟାରୀ ଅଫିସର ବାବୁ ସୁବର୍ଣ୍ଣ ଦାସ ସେଟଲମେଣ୍ଟ ଅଫିସରଙ୍କ କ୍ଷମତା ପାଇଲେ ।

ଛୁଟିପ୍ରାପ୍ତ ସବ୍ ଡେପୁଟି ମାଜିଷ୍ଟ୍ରେଟ ବାବୁ ମୁରାରି ମିଶ୍ର କଟକ ପୁରାତନ ଅଧୀନରେ ସେଟଲମେଣ୍ଟ ଅଫିସର ପଦରେ ନିଯୁକ୍ତ ହେଲେ ଓ ସେ ଇଜାରା ଅଫିସର ସୁପରିଣ୍ଟେଣ୍ଡେଣ୍ଟ ପଦ ପାଇଲେ ।

ସନ ୧୯୦୭ ମସୀହା ଡିସେମ୍ବର ମାସ ତା ୧ ରିଖଠାରୁ ସମ୍ବଲପୁର ସବଡିଭିଜନ ଓ କଟକ ଜିଲାର ଜାଜପୁର ସୋସାଇଟି ନୂତନ ଉପରେ ହେବ ଏବଂ ଓଡ଼ିଶା ଡିଭିଜନ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧୀନରେ ରହିବ ।

ଶ୍ରୀଯୁକ୍ତ ଓ ଏଚ. ହ୍ୱାଇଟ କୁଟିରୁ ଫେରିଲେ ସମ୍ବଲପୁରର ଏକଜିକ୍ୟୁଟିଭ ଇଞ୍ଜିନିୟର ହେବେ ।

ଭଦ୍ରକର ସବ୍ ଡେପୁଟି ବାବୁ କୃଷ୍ଣମୋହନ ପାଣିଗ୍ରାହୀ ଫୌଜଦାରୀ ମୋକଦ୍ଦମାରେ ତଦନ୍ତରେ କୋର୍ଟ ଭାଗରେ ଲେଖିବାର କ୍ଷମତା ପାଇଅଛନ୍ତି ।

---

## ସ୍ଥାନୀୟ ସମ୍ବାଦ ।

ରଥ ପର୍ବ ଯୋଗେ ଆଗାମୀ ସୋମବାର ଓ ମଙ୍ଗଳବାର କଟକ ନଗର ବନ୍ଦ ହେବାର ସମ୍ଭାବନା ରହିଅଛି । ମାତ୍ର ଅଛି କେତେ ଯାତ୍ରୀ ଥିବାରୁ ରଥଯାତ୍ରାର ମିଶନ ଯୋଗ ଭାର ମାତ୍ର ଅନେକ ବନ୍ଦ ହେବ ।

କାର୍ତ୍ତିକ ପୂର୍ଣ୍ଣିମାଠାରେ ରାବଣପୋଡ଼ି କରିବା ସଭା ବନ୍ଦ ହୁଏ ଏବଂ ସେ ଯୋଗୁଁ ଏ ବର୍ଷ ସରକାରଙ୍କ ଆଦେଶ ଅନୁସାରେ ବନ୍ଦ ହୋଇଅଛି ଓ ଏବେ ପରସ୍ପରେ ଆଗାମୀ ମଙ୍ଗଳବାର ବନ୍ଦ ହୋଇବ ।

ଏ ସପ୍ତାହରେ ଏଠାରେ ଲୋକଙ୍କ ମଧ୍ୟରେ ଓଲଉଠା ରୋଗ ଦେଖା ଦେଇଅଛି । ସମ୍ବାଦଦାତା ମହାଶୟ ପ୍ରଥମେ ଲୋକ ଏ ରୋଗରେ ଆକ୍ରାନ୍ତ ହୋଇ ମାରାଯାଇଛନ୍ତି ଏବଂ ତାଙ୍କ ପରେ ୨ ଜଣ ଲୋକ ଏହି ରୋଗରେ ମୃତ୍ୟୁ ପାଇଛନ୍ତି । ମ୍ୟୁନିସିପାଲିଟିର କର୍ତ୍ତୃପକ୍ଷମାନଙ୍କ ଏଥିପ୍ରତି ସାବଧାନ ହେବା ଉଚିତ ।

ଗତ ବୁଧବାରଠାରୁ ଆକାଶରେ ମେଘ ଦେଖା ଯାଇ ଥିବାରୁ ଶୀତ କମି ଯାଉଅଛି । ମେଘଜଳର ଫଳରେ ସାମାନ୍ୟ ବୃଷ୍ଟି ହୋଇଥିବାର ମଧ୍ୟ ସମ୍ବାଦ ମିଳିଅଛି । ବର୍ତ୍ତମାନ ବର୍ଷା ନ ହେବାହିଁ ଭଲ ।

ଇନ୍ଫ୍ଲୁଏଞ୍ଜା ରୋଗେ ବର୍ତ୍ତମାନ ସହର ମୋଫସଲ ସବୁ ସ୍ଥାନରେ ପ୍ରକୋପ କରିଅଛି । କେବଳ ଏହି ସହରରେ ମଧ୍ୟ ଅନେକ ଲୋକେ କଷ୍ଟ ପାଉଅଛନ୍ତି ।

ଗତ ମଙ୍ଗଳବାର ରାତ୍ରରେ ଏଠା ପୋଲିସ ଥାନାରେ ଅନ୍ୟ ଦ୍ୱାରା ଗୋଟିଏ ଚୋରି ଉଦ୍ଧାର ହୋଇଅଛି ।

Digitized by srujanika@gmail.com

## ଜାଜପୁର ସମ୍ବାଦ ।

ଏଠାରେ ପରସ୍ପାର ଜ୍ୱର ଶୀତ ଅନୁଭବ ହେଉଅଛି । ଅଧିକାଂଶ ଅନେକ ଲୋକ ଜ୍ୱର ରୋଗ ଭୋଗୁ ଅଛନ୍ତି । ଏଠା ସବଡିବିଜନ ଅଫିସର ଏକ୍‌ଷ୍ଟ୍ରାଏସିଷ୍ଟାଣ୍ଟ ବାବୁ କାଶୀନାଥ ଦାସ ଛୁଟି ନେଇଛନ୍ତି ଓ ମିଦ୍ନାପୁର ପଦରେ ଓ ସେଠାର ଏକ୍‌ଷ୍ଟ୍ରାଏସିଷ୍ଟାଣ୍ଟ ବାବୁ ସଚ୍ଚିଦାନନ୍ଦ ଶାସ୍ତ୍ରୀ ଏଠାକୁ ଓ କାଶୀନାଥ ବାବୁଙ୍କ ସ୍ଥାନରେ ବଦଳି ହୋଇଅଛନ୍ତି ।

## ସାଧାରଣ ସମ୍ବାଦ ।

ଗତ ନଭେମ୍ବର ମାସରେ ଭାରତରେ ଯାତ୍ରୀଙ୍କ ୬୪୮,୮୦୦ଣ ସଞ୍ଚିତ ହୋଇଥିଲେ ଏବଂ ଲେଖାସ୍ଥାନରେ ୬୭୯୧୭ଣ ମୁକ୍ତି ପାଇଥିଲେ । ଦେଶ ମାସରେ ଭାରତର ୫୨୮୭ ଲୋକ ପ୍ଲେଗରେ ମୃତ ହୋଇଥିବାର ଗଣନା ସଙ୍କେତ ୨୬୪୯ ହୋଇଥିଲା ।

ବଙ୍ଗଳା ଢାକା ... ଜଣେଲ ଭଦ୍ର ଟାଇ ... ଗୋଟିଏ ନୌକା ମାଛ ... ସମୟରେ ... ଜଳ ଭିତରେ ... ଅଗ୍ନି ... କର ଦେଇ ... ସମସ୍ତ ମାଲ ... ସ୍ୱାମୀ ମାଝିଙ୍କର ଅବସ୍ଥା କୌଣସି ସନ୍ଧାନ ମିଳି ନାହିଁ ।

[illegible]

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଏତତ୍ପତ୍ର ପ୍ରକାଶିତ ସମସ୍ତ ବିବରଣକୁ ଆପଣଙ୍କ ବହୁଳ ପତ୍ରିକାରେ ପ୍ରକାଶ କରି ଚିରବାଧିତ କରିବା ହେବେ ।

[illegible]

ଏଥିସହିତ ଉତ୍କଳ ଭୂମିର ... ଭରସା ରଖିଲୁଁ ।

[illegible]

| | | |
|---|---|---|
| ୨୮।୧୧।୦୭ | } | [illegible] ମହାବଳମ୍ଭୀ |
| । ମୁ । କାଶୀଧାମ | } | ପଣ୍ଡିତ ଶ୍ରୀ [illegible] |

## ମୂଲ୍ୟପ୍ରାପ୍ତି ।

[illegible]

Split by PDF Splitter



# ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଅଙ୍କସ୍ଥଳର ।

| | |
|---|---|
| ଉତ୍କଳଭାଷାକୋଷ | ଟ ୧ ୧ |
| ଗୋପାଳକୃଷ୍ଣମାଳା ପ୍ରଥମସଂସ୍କରଣ | ଟ ୦ ॥ |
| କୃଷ୍ଣକୃଷ୍ଣଗୀତ | ଟ ୦ ୷ |
| ଚାରୁଚୋଇଲି | ଟ ୦ ୧୦ |
| ଶ୍ରୀଗୋପାଳ ଚୋଇଲି | ଟ ୦ ୧୬ |
| ସୁଲୋଚନା ସମ୍ବାଦ | ଟ ୦ ୷୦ |
| ଜଗନ୍ନୋହନ | ଟ ୦ । |
| ପାଣ୍ଡବଙ୍କ ବନବାସ | ଟ ୦ ୧୬ |
| ଭାଗବତଗୀତା | ଟ ୦ ୧୬ |
| ଭଜନମାଳିକା | ଟ ୦ ୧୫ |
| ମାଣିକାଦେଇଙ୍କ | ଟ ୦ ୧୬ |
| ଶାରଳାସ୍ତୁତି | ଟ ୦ ୧୫ |
| ଲକ୍ଷ୍ମୀ ପାଣ୍ଡବଙ୍କ ଅଜ୍ଞାତବାସ | ଟ ୦ ୧୬ |
| ସୁରସଂହିତା | ଟ ୦ ୷ |
| ହୃଦୟଦର୍ପଣ | ଟ ୦ ୷ |
| ସୁଭଦ୍ରାହରଣ | ଟ ୦ ୧୬ |

## ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଉତ୍ତମ

ଯେବେ ତାହାର ଶରୀର ସୁରକ୍ଷିତ ଥାଏ, ତେବେ ତାହାକୁ ପ୍ଲେଗ, ବସନ୍ତ, ଓଲାଉଠା ଅଥବା ଯକ୍ଷ୍ମା ପୀଡ଼ାରେ ଆକ୍ରାନ୍ତ ହେବାକୁ ହୁଏ ନାହିଁ ।

ସାଧାରଣତଃ ଦୁର୍ବଳ ଏବଂ ଯେ ସବୁ ବ୍ୟକ୍ତିର ଶରୀର ବଳଶୂନ୍ୟ କ୍ଷୀଣ ଶାରୀରିକ, ସେମାନେ ହିଁ ଏ ପୀଡ଼ାର ଆକ୍ରାନ୍ତ ହୋଇଥାନ୍ତି ।

SCOTT'S EMULSION.

(ସ୍କଟ ଇମଲସନ) ଶରୀର ଗଠନ କାର୍ଯ୍ୟ ସମ୍ପାଦନ କରେ ଏବଂ ଶରୀରର ଲାବଣ୍ୟ ସବୁ ଜୀବନୀଶକ୍ତି ବୃଦ୍ଧି କରି ପୀଡ଼ାର ଆକ୍ରମଣରୁ ରକ୍ଷା କରେ ଏବଂ ଏହି ପ୍ରକାରରେ ଆପଣ ସୁସ୍ଥ ପୀଡ଼ା ହେଉ ନ ଥିବ କରିବେ ।



Always get the Emulsion with this mark—the Fishman—the mark of the "Scott" process.

ଏହା ବସ୍ତ୍ରଦ୍ଵାରା ସ୍ପର୍ଶ କରା ହୋଇ ନାହିଁ ।

ସମସ୍ତ ଔଷଧବିକ୍ରେତାଙ୍କ ନିକଟରେ ଏହା ମିଳେ ଦର ବାନ୍ଧି ଦେଲେ ।

4

ସ୍କଟ ଏଣ୍ଡ ବାଉନ ଲିମିଟେଡ଼

ଷ୍ଟେନ୍‌ହୋପଷ୍ଟ୍ରିଟ୍ କେମିଷ୍ଟ, ଲଣ୍ଡନ, ଇଂଲଣ୍ଡ

# ବିଜ୍ଞାପନ ।

### ଶେଷଥର ଅଳ୍ପ ଶସ୍ତା ଦରରେ ବିକ୍ରୟ ।

### ଅର୍ଦ୍ଧମୂଲ୍ୟ, ଅର୍ଦ୍ଧମୂଲ୍ୟ, ଅର୍ଦ୍ଧମୂଲ୍ୟ

ଏପରି ଅମୂଲ୍ୟ ସୁଯୋଗ ଆଉ ନାହିଁ କେବଳ ଏକମାସ ସମୟ ଏହି ଦର ଥିବ ।

ଜହର ମୁଦି



ଏହା ଉତ୍କୃଷ୍ଟ ଜଡ଼ିତ ଏବଂ ଅତି ସୁନ୍ଦର ମୁଦି ଅଟେ । ଏହା ଅସଲ ଇଂଲିଶ ହେମିଟେଲ ଗୋଲଡ଼ରେ ନିର୍ମିତ, ବର୍ଣ୍ଣ ଏବଂ ସୁନ୍ଦରତାରେ ଅସଲ ସୁନାପରି ଦିଶେ ଏବଂ ଏଥିରେ ଜହର ସ୍ଥିର କରି ସଜାଯାଇଅଛି । ଏଥିର ଜହର ଜଡ଼ିତମାନ ଅସଲଠାରୁ କୌଣସି ଅଂଶରେ କମ ନୁହେଁ । ପ୍ରତି ମୁଦିର ମୂଲ୍ୟ ଟ ୧୧ ସ୍ଥାନେ ଅର୍ଦ୍ଧମୂଲ୍ୟ ଟ ୦ ୮ ଅଣା ମାତ୍ର ।

ଅଳ୍ପ ମୂଲ୍ୟରେ ଉପହାର— ଏହି ଦର ଗୋ ୧୨ ଟି ଏକାଥରକେ ନେଲେ ବ ୨ ଟି ସହିତ ଲିଭରଣି ସହିତ ଗୋଟିଏ ଘୋଡ଼ାମୁହିଁ ଗ୍ରଣ୍ଡିସ୍କ ଲିଭର ଏକଥର ଦମ ଦେଲେ ୪୦ ଘ ଚଳୁଥିବା ରେଲୱେ ରେଗୁଲେଟର ଘଡ଼ି ଦେବ ଏବଂ ଡାକ ମହସୁଲ କେବଳ ୨ ୧ କା ମଧ୍ୟରେ ପାଇବେ । ପ୍ୟାକିଂ ଏବଂ ଭି, ପି ଖର୍ଚ୍ଚ ଟ ୦ ।୬ ଅଣା ସ୍ଵତନ୍ତ୍ର ।

### ଲିଭର ରେଲୱେ ରେଗୁଲେଟର ଘଡ଼ି



ଏହା ୧୮ ଟ ଅକାରର କାଚ ନିର୍ମିତ ଲିଭର ସ୍ଥଳି ଘଡ଼ି ଏକଥର ଦମ ଦେଲେ ୪୦ ଘଣ୍ଟା ଚଳେ ଏହାର ବାହ୍ୟ ଆବରଣ ରୂପାରେ ଗଢ଼ା ୧୬ ବର୍ଷ ଉତ୍ତମ ସେବା କରିବ ନାହିଁ, ତାହା ଉପରେ ଲଣ୍ଡନର ରୂପା ଚିହ୍ନ ଅଛି ଏବଂ ଏହାର ସୁନ୍ଦରତା ଅନେକ ଲୋକ ଅତି ସହଜରେ ଚିହ୍ନି ପାରନ୍ତି । ଲେଭ, ଡାକିଷ ଏବଂ କଲିକତା-ଜାତ ଘଡ଼ି ଓ ଚେନରେ ଅନେକ ଘଡ଼ି ଅଛି ଏହାର ମୂଲ୍ୟ ଟ ୨୪ ଅଣା ମାତ୍ର । ପ୍ୟାକିଂ ଏବଂ ଭି ପି ଖର୍ଚ୍ଚ ଟ ୦ ।୬ ଅଣା ସ୍ଵତନ୍ତ୍ର ।

ଉକ୍ତ ମଫସଲର ଲୋକେ ନିଜର ନାମ ଓ ଧାମ ସୁସ୍ପଷ୍ଟରୂପେ ପରିଷ୍କାର କରି ଇଂରାଜୀ ଭାଷାରେ ଲେଖିବ, ଭି ପି ରେ ମାଲ ପଠାଯିବ ।

Apply to the Manager
The Anglo-Vernacular Trading Co.,
17 U. D. Kapalee Tollah
BOWBAZAR CALCUTTA

## ଶୂନ୍ୟସୀର ଷଣ୍ଢ ରୋଗର ଚିକିତ୍ସା ।

ତଳ ଅଭିଜ୍ଞ ଡାକ୍ତରଙ୍କ ଦେଶୀୟ ଔଷଧ ଦ୍ଵାରା ଏ, ଜ୍ଵର, କାଶ, ପଠା, ବର୍ଣ୍ଣ, ସ୍ଵପ୍ନଦୋଷ, ବାତ, ଗରମ ପ୍ରମେହ, ଧାତୁ ଦୁର୍ବଳ ପ୍ରଭୃତି ରୋଗ ଆରୋଗ୍ୟ ହୋଇଥାଏ । ଅବସ୍ଥା ଲେଖିଲେ ଔଷଧ ଓ ବ୍ୟବସ୍ଥା ପଠାଯିବ ।

ଡାକ୍ତର

ଶ୍ରୀ ବନମାଳୀ ଦାସ, ନ ୧୦ ସଦର ଷ୍ଟ୍ରିଟ, କଲିକତା

# ବିଜ୍ଞାପନ

ମହର୍ଷି ଦୟାନନ୍ଦ ସରସ୍ଵତୀଙ୍କ ରଚିତ "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରକାଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବହୁତ ଜ୍ଞାନ ଲାଭ ହେବ । ପ୍ରତିଖଣ୍ଡର ମୂଲ୍ୟ ଟ ୧୷ ଓ ମଫସଲକୁ ଡାକ ମାସୁଲ ଟ ୦ । ଲିଖିତ

ଶ୍ରୀ ରାମଶଙ୍କର ରାୟ କଟକ



ରେଜିଷ୍ଟର୍ଡ ଟ୍ରେଡ ମାର୍କ ଅସଲ ।

## ଲାଲମୋହନ ସାହା ଶଙ୍ଖନିଧି

### ପୃଥିବୀ ବ୍ୟାପକ

ସର୍ବଜ୍ଵର ଗଜସିଂହ ।

୪ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ଵର ୧ ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୷ ଶିଶି ମଧ୍ୟମ ଟ ୧ ୧, ଛୋଟ ଟ ୦ ୷ ଡାକମାସୁଲ ଠାରୁ ଶିଶି ଟ ୦ ୷

କର୍ଣ୍ଣ ଦାବାନଳ ।

ଦାଦ୍ରୁ ଆଦି ଚର୍ମରୋଗ ବିନା କ୍ଳେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ।୬ ଡାକମାସୁଲ ଠାରୁ ଶିଶି ଟ ୦ ୷

୨୪ ଘଣ୍ଟାରେ ଜାଳୁଥିବା ଚମରୋଗ ଦାଦ କଣ୍ଡୁରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୬ ଡାକମାସୁଲ ଠାରୁ ୨ ଶିଶି ଟ ୦ ୷

ଏହା ଜଗତ ବିଖ୍ୟାତ ସଦାଗର ଲାଲମୋହନ ସାହା ଶଙ୍ଖନିଧିର ନାମ ଓ ଟ୍ରେଡମାର୍କ ଦେଖି କ୍ରୟ କରିବେ । ଏହା ସକଳ ସହର ବଡ଼ ଦୋକାନରେ ପାଇବେ ନ ପାଇଲେ ସ୍ଵତନ୍ତ୍ର ସେ କୌଣସି ଗ୍ରାମରୁ ଯେ କେହି ବ୍ୟକ୍ତି ଆମ୍ଭ ନିକଟରେ ପତ୍ର ଲେଖିଲେ ଭି, ପି, ପାର୍ଶଲରେ ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ ।

ଶ୍ରୀ ଗୌର ନିତାଇ ସାହା
ଟ୍ରେଡ ଲାଲମୋହନ ସାହା ଶଙ୍ଖନିଧି ଏଣ୍ଡ କୋ,
ଢାକା ବାବୁର ବଜାର ।

ଏଜେଣ୍ଟ କଟକ ବାବୁ ବଜାର ଶ୍ରୀଯୁକ୍ତ ପାରବତୀଚରଣ ଦଉରଣିଜ ହେଡ ସ୍ତ୍ରୀ ଦଉଙ୍କ

Gour Nitai Shaha
Lal Mohan Shaha Saukanidhi & co.
Baburbazar, Dacca.

### ଅଫିମ ତ୍ୟାଗର ମହୌଷଧ ।

## ମଦ ଭଞ୍ଜନ ଗୁଟିକା ।

ଏହି ସ୍ଵତଂ ପରୀକ୍ଷିତ ମହୌଷଧ ସେବନ ମାତ୍ରକେ ବିନା କ୍ଳେଶରେ ଅଫିମ ଖାଇବା ଯେ ଧାତୁ ଅଫିମର ଅଭ୍ୟାସ ଦୂର ହୋଇ ଦେହ ଓ ମନର ଶକ୍ତିର ପୂର୍ଣ୍ଣ ସହଜତା ଲାଭ ହୁଏ । ଏକାଧାର ପ୍ରତ୍ୟେକ ଦିବସ ଅଫିମ ଖାଉଥିବାକୁ ପ୍ରତ୍ୟହ ଟ ୦ ୷ ଓଜନ ପର୍ଯ୍ୟନ୍ତ ଅଫିମ ସେବନକାରୀଙ୍କ ଔଷଧର ମୂଲ୍ୟ ସପ୍ତାହକୁ ଟ ୧ କା ତଦୂର୍ଦ୍ଧ ପ୍ରତି ଟ ୦ ୷ ଓଜନ ପର୍ଯ୍ୟନ୍ତ ମାତ୍ରା ବଢ଼ିଲେ ସପ୍ତାହକୁ ୫୧ କା ଦ୍ଵି ମୂଲ୍ୟ ବୃଦ୍ଧି ହୁଏ । ଗ୍ରାହକମାନଙ୍କ ପ୍ରତିଦିନର ସେବନୀୟ ଅଫିମର ମାତ୍ରା ଜଣାଇବାର ଆବଶ୍ୟକ ।

କବିରାଜ ଶ୍ରୀ ଚନ୍ଦ୍ରକିଶୋର ସେନ, ନ ୮ ସର ଦୁର୍ଗାଚରଣ ଲେନ କଲିକତା ।

Digitized by srujanika@gmail.com

Split by PDF Splitter





# ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଆମ୍ଭେ ବହୁ ପରିଶ୍ରମ ଏବଂ ବହୁ ଯତ୍ନରେ ଗୋଟିଏ ସ୍ୱଦେଶୀ "ଚୁରୁଟ କମ୍ପାନି" ଖୋଲିଅଛୁଁ । ଚୁରୁଟର ନାମ "ମଙ୍ଗଳସ ଚୁରୁଟ" ଅଟେ । ସହରରେ ଯେପରି ସ୍ୱଦେଶୀ ଚୁରୁଟ ମିଳେ ତାହାଠାରୁ ଏହା ଗନ୍ଧଗୁଣେ ରୁଚିକର, ଏମନ୍ତ କି ଥରେ ଆସ୍ୱାଦନ କଲେ ମନ ପ୍ରଫୁଲ୍ଲିତ ହୁଏ । ପ୍ରକାଶ ଥାଉ କି ଆମ୍ଭର ଚୁରୁଟ ଗୁଡ଼ିକ ସ୍ୱଦେଶୀ ତମାଖୁ ଓ ସ୍ୱଦେଶୀ ମସଲାଦ୍ୱାରା ପ୍ରସ୍ତୁତ । ଅତଏବ ଆମ୍ଭେ ଉତ୍କଳ-ଭ୍ରାତାମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଉପରଲିଖିତ ବିଷୟ ଗୁଡ଼ିକ ଏକଥର ପରୀକ୍ଷା କରି କମ୍ପାନିର ଚିରସ୍ଥାୟୀ କାମନା କରିବେ । ପ୍ରକାଶ ଥାଉ କି ଆମ୍ଭଙ୍କୁ ଏହି କମ୍ପାନି ନିମନ୍ତେ କେତେକ ଜଣ ଏଜେଣ୍ଟ ଆବଶ୍ୟକ ଯେ କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ଆମ୍ଭ ନିକଟରେ ପତ୍ରଲେଖିଲେ ସବିଶେଷ ବିବରଣ ଜାଣିପାରିବେ ।

| | |
|---|---|
| ଏକଗୋଟି ଚୁରୁଟର ମୂଲ୍ୟ ଏକପଇସା | ଟ ୦ / |
| ଦଶ ବା ୧୦ ବାକ୍ସ ଅର୍ଥାତ୍ ୧୦୦ ଚୁରୁଟର | ଟ ୦ ।୵ |
| ପଚାଶ ବା ୫୦ ବାକ୍ସ ଅର୍ଥାତ୍ ୫୦୦ ଚୁରୁଟର | ଟ ୩ |
| ଏକଶହ ବା ୧୦୦ ବାକ୍ସ ଅର୍ଥାତ୍ ୧୦୦୦ ଚୁରୁଟର | ଟ ୫ ୩ |

ଶ୍ୟାମସୁନ୍ଦର ପୃଷ୍ଟି ମେନେଜର

ତା ୨୬।୧୦।୧୯୦୬ ବକ୍ସିବଜାର କଟକ

THE HIMALAYAH AURVEDIC PHARMACY

SILAJIT

Best refined. Guranteed free from adultration. Unrivalled Tonic. Specific for all kinds of debility.

Communication in Hindi, English and Urdu.

Two Tola Box Rs. 2 V. P Rs. 2-4

NANDA LALL NIJJER

CHAMBA, PUNJAB

ହିମାଳୟ ଆୟୁର୍ବେଦୀୟ ଔଷଧାଳୟ

## ଶିଳାଜିତ

ଅତି ବିଶୁଦ୍ଧ ସର୍ବପ୍ରକାର ମିଶ୍ରଣ ଦ୍ରବ୍ୟ ରହିତ ଅଦ୍ୱିତୀୟ ଟନିକ । ସର୍ବପ୍ରକାର ଦୌର୍ବଲ୍ୟର ମହୌଷଧ ! ହିନ୍ଦୀ, ଇଂରେଜୀ ବା ଉର୍ଦ୍ଦୁ ଭାଷାରେ ପତ୍ର ଲେଖିବାକୁ ହେବ ।

ଦୁଇ ତୋଲା ବାକ୍ସ ଟ ୨ ଙ୍କା । ଭିଃ ପିଃ ଖର୍ଚ୍ଚା ସହିତ ଟ ୨।।

ନନ୍ଦଲାଲ ନିଜର ।

ଚେମ୍ବା, ପଞ୍ଜାବ ।

ଏହିକ୍ଷଣ ଅଳ୍ପ ଟାଉନ ଜାଜପୁରରେ ଥିବା ଶ୍ରୀ ବାବୁ ନଗେନ୍ଦ୍ରନାଥ ବସୁ ଚୌଧୁରୀ ଜମିଦାରଙ୍କ କଟେଜ କୋଠା ଯାହାକି ବର୍ତ୍ତମାନ ଉତ୍କଳନଗର ନିବାସୀ ଶ୍ରୀ ବାବୁ ଜ୍ଞାନେନ୍ଦ୍ରନାଥ ଘୋଷ ଭଡ଼ାରେ ନେଇଅଛନ୍ତି ଉକ୍ତ କୋଠା ଓ କୋଠା ତଳ ଜମି ଓ ତତ୍‌ସଂଲଗ୍ନ ଥିବା ବାହାଘର ଓ ବଗିଚା ଚିରସ୍ଥାୟୀ ବିକ୍ରୟ କରାଯିବ । କ୍ରେତାମାନେ ତତ୍ସମ୍ବନ୍ଧେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରୁ ସମସ୍ତ ବିଷୟ ବୁଝି ପାରିବେ । ଇତି ।

Lalmohon Chatterjee
Manager, Rutton Estate.
2—11—06.

ମୟୂରଭଞ୍ଜ ରାଜ୍ୟର ବାମନଘାଟି ଏବଂ ପାଞ୍ଚପିଡ଼ ସବ୍‌ଡିଭିଜନ ନିମନ୍ତେ ଦୁଇଜଣ ସବ୍ ଇନିସପେକ୍ଟର ଆବଶ୍ୟକ । ମାସିକ ବେତନ ଟ ୧୦୯—୧—୧୬୯ ଙ୍କା ଅଟେ । ବାମନଘାଟି ନିମନ୍ତେ ମାସିକ ଟ ୨୯ ଙ୍କା ଏବଂ ପାଞ୍ଚପିଡ଼ ନିମନ୍ତେ ମାସିକ ଟ ୩୯ ଙ୍କା ସଫରଖର୍ଚ୍ଚା ମିଳିବ । ପ୍ରାର୍ଥୀମାନେ କଟକ ଟ୍ରେନିଂ ସ୍କୁଲରୁ ପାଶ କରିଥିବେ ଏବଂ ସେମାନଙ୍କର ଇଂରାଜୀ ଭାଷାରେ ଜ୍ଞାନ ଥିବା ଆବଶ୍ୟକ । ଆବେଦନକାରୀମାନେ ଆପଣା୨ ଦରଖାସ୍ତରେ ଯୋଗ୍ୟତା, ବୟସ ଏବଂ ବାସସ୍ଥାନ ଉଲ୍ଲେଖ କରିବେ । ଦରଖାସ୍ତ ନଭେମ୍ବରମାସ ତା ୨୨ ରଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।

ବାରିପଦା ୨।୧୧।୦୬

S. N. Chakravarti,
Supdt. of Education
Mourbhanj State.

| | | | |
|---|---|---|---|
| ନଂ ୧ ଚିନି | ମ ୧ କୁ ଟ ୫୧୭ | ଟ ।। | ସେ ୧ |
| ଗୁଡ଼ ଚିନି | ମ ୧ କୁ ଟ ୫୩ | ଟ ୧।୵ | ସେ ୧ |
| ଲୁଣ ପାଣି ଚିନି | ମ ୧ କୁ ଟ ୫୭ | ଟ ୧୵ | ସେ ୧ |
| ଗଡ଼ ଗୁଡ଼ | ମ ୧ କୁ ଟ ୧୮ | ଟ ୦। | ସେ ୧ |
| ଧନ କାଶୀ | ମ ୧ କୁ ଟ ୧୪ | | |
| ଘିଅ କଳ | ମ ୧ କୁ ଟ ୧୦୫ | ଟ ୦ ।୨ | ସେ ୧ |
| ଧନ କଳ | ମ ୧ କୁ ଟ ୧୦୩ | ଟ ।୵ | ସେ ୧ |
| କାଳପୁର ଖୋଲସପେଲିଂ | ମ ୧ କୁ ଟ ୨୬ | ଟ ୦ ୵ | ସେ ୧ |
| କଲକତା ଏକଲ | ମ ୧ କୁ ଟ ୨୪ | ଟ ୦ ୵ | ସେ ୧ |
| ବାଦାମ ତେଲ | ମ ୧ କୁ ଟ ୨୭ | ଟ ୦ ୵୨ | ସେ ୧ |
| ଘିଅ ଭଣ୍ଡେଲ | ମ ୧ କୁ ଟ ୨୯ | ଟ ୦ ୩ | ସେ ୧ |
| ଜଡ଼ା ତେଲ | ମ ୧ କୁ ଟ ୨୦୫ | ଟ ୦ ୫୨ | ସେ ୧ |
| ମଇଦା | ମ ୧ କୁ ଟ ୭ | ଟ ୦ ୵ | ସେ ୧ |
| ଗହମ | ମ ୧ କୁ ଟ ୭୨ | ଟ ୦ ୵୧ | ସେ ୧ |
| ମୁଗ | ମ ୧ କୁ ଟ ୮୩ | ଟ ୦ ୵୨ | ସେ ୧ |
| ମେଥି କଲବଗ | ମ ୧ କୁ ଟ ୧୩ | ଟ ୦ ।୵ | ସେ ୧ |
| ନିଶି ବଇଶଣୀ | ମ ୧ କୁ ଟ ୨୧ | ଟ ୦ ୵ | ସେ ୧ |
| କରାବିଜ ସ୍ୱଦେଶୀ ଗୋଲ ମୋହର ମାର୍କା | | ଟ ୧୩୵୨ | ଟି ୧ |
| " ରାଣୀ ମାର୍କା କଲକତା ପେନେଲ | | ଟ ୧୩୵ | ଟି ୧ |
| " ହାଙ୍କି ମାର୍କା | | ଟ ୧୵୪ | ଟି ୧ |
| ଲୁହା | | ଟ ୦ ।୵ | ଯା ୧ ଲଚ |
| ମସୁର ଡାଲି | ମ ୧ କୁ ଟ ୮ | ଟ ୦ ୵ | ସେ ୧ |
| କାଳସୁଣ ହରଡ଼ ଡାଲି | ମ ୧ କୁ ଟ ୨ | ଟ ୦ ୵ | ସେ ୧ |
| ବୁଟ ଡାଲି | ମ ୧ କୁ ଟ ୫ | ଟ ୦ ୵ | ସେ ୧ |
| ନଡ଼ିଆ ତେଲ | ମ ୧ କୁ ଟ ୨୮ | ଟ ୦ ୩ | ସେ ୧ |

ଶ୍ରୀ ସତେଇ ଦଲାଲ ଓ ବନମାଳୀ ଦଲାଲ
। ମୁ । ଚୌଧୁରୀବଜାର, କଟକ

ଜଗେନ୍ଦ୍ରନାଥ ସେନଙ୍କ ଔଷଧ ବିଜ୍ଞାପନ ।

ଆମ୍ଭମାନଙ୍କର ନବାବିଷ୍କୃତ

କେଶରଞ୍ଜନ ତୈଳ କେଶପକ୍ଷରେ ଉପକାରକ ଓ ସୁସ୍ନିଗ୍ଧକାରକ ଔଷଧ। ଏହା କେବଳ ପରିଷ୍କାର ଗନ୍ଧ । ଏହାର ଗୁଣରେ କେଶମାନଙ୍କୁ ବୃଦ୍ଧି କରେ, କଠିନ ଓ କୋମଳ କରେ ଏବଂ ଟାକ ଓ ଗ୍ରଚତ୍ୟ ପ୍ରତାପ କରେ ଏତଦ୍ୱାରା ଉପ କଣ୍ଡୁ ଓ କେଶର ଅକାଳପତନ ନିବାରଣ କରେ ଏହାର ସଦ୍ଗୁଣ ଦ୍ୱାରେ ମସ୍ତିଷ୍କ ଶୀତଳତା ଏବଂ ସ୍ମୃତିଲୋପ ଜନିତ ମସ୍ତିଷ୍କ, ମାନସିକ ଅବସାଦ, ବୁଦ୍ଧିଶକ୍ତିର ହ୍ରାସ, ମସ୍ତକଘୂର୍ଣ୍ଣନ ପ୍ରଭୃତି ରୋଗ ଆରୋଗ୍ୟ କରେ । ମୂଲ୍ୟ ପ୍ରତି ଶିଶି ଟ ୧।

ମାସୁଲ ଟ ୦ ।୵

## ନେତ୍ରବିନ୍ଦୁ ।

ଅସ୍ମାକମାନଙ୍କର ନେତ୍ରବିନ୍ଦୁ ବ୍ୟବହାର କଲେ ଅକ୍ଷିରୋଗ, ପଟଳ, ମାଂସବୃଦ୍ଧି, ଛାନି, ଅକ୍ଷି ଲାଲବା ଜଳ ହେବା, ଦୃଷ୍ଟିଶକ୍ତିର ହ୍ରାସ, ଅକ୍ଷିର କାଶ, ପାଣିବୁହା, ଅକ୍ଷିରେ କଣ୍ଟକ ଅଗ୍ନି ପଡ଼ିଲେ ଯାଳା ହେବାର, ଅକ୍ଷି ଫୁଲିବା, ଅକ୍ଷିରେ ବେଦନା ଏବଂ ସକଳ ଦୋଷ ଅକ୍ଷିର ପଟଳ ଡାହାର ପଡ଼ା, ଅନେକର ଭ୍ରମ ବା ଅସହ୍ୟତା, ଅନ୍ଧାରକଣା, ରାତ୍ରିର ପାର୍ଶ୍ୱବ ଦୋଷ ନ ଦେଖିବା ଧଳାଦାଗ ଏବଂ ଫୁଲିବା ଅଥବା ବହୁକାଳ ସ୍ଥାୟୀ ସରଳ ପ୍ରଭୃତି ସର୍ବପ୍ରକାର ଚକ୍ଷୁର ରୋଗ ଆରୋଗ୍ୟ ହୁଏ । ଏସ୍ଥରେ କୌଣସି ପ୍ରକାର ଯନ୍ତ୍ର ଉତ୍ତେଜକ ଅଥବା ଶରୀରକ ପଦାର୍ଥ ନ ଥିବାର ସେଥିରେ ଭୟ ହୋଇଥାଇ । ଯେଉଁ ଛାତ୍ରମାନଙ୍କର ଦୃଷ୍ଟିଶକ୍ତିର ହ୍ରାସ ଅଥବା ଦୁର୍ବଳ ହୋଇ ଯାଇଅଛି ସେମାନେ ଏହି ଔଷଧ ବ୍ୟବହାର କଲେ ଆଉ ଚଷମା ବ୍ୟବହାରର ପ୍ରୟୋଜନ ହେବ ନାହିଁ ।

ମୂଲ୍ୟ ପ୍ରତି ଶିଶି ଟ ୧୯ ମାସୁଲ ଟ ୦ ।୵

## ଦର୍ପ ଗରସ୍ଥ କାମ୍ୟା ଓଲାଉଠାର ମହୌଷଧ ।

ଏହା ଓଲଉଠା, ଅଜୀର୍ଣ୍ଣ, ଅମ୍ଳଶୂଳ, ଅଗ୍ନିମାନ୍ଦ୍ୟ, ପେଟଫମ୍ପା ଏବଂ ପେଟଶୂଳର ମହୌଷଧ । ଅଟେ ଏହି ଔଷଧର ଏହାର ବ୍ୟବହାରରେ ମୁଖଶୁଷ୍କ, ମସ୍ତିଷ୍କ ଚଳଚ୍ଚଳତା ଓ ତନ୍ଦ୍ରାଳୁତା ହୁଏ ନାହିଁ । ମୁହୂର୍ତ୍ତମଧ୍ୟରେ ସର୍ବପ୍ରକାର ଯନ୍ତ୍ରଣା ଓ ବାନ୍ତି ନିବାରଣ ହୁଏ ।

ପରୀକ୍ଷା ଦ୍ୱାରା ଏହା ହୋମିଓପେଥିକ ବା ଆଲୋପେଥିକ ଅପେକ୍ଷା ଏହା ଅଧିକ ଉପକାରୀ ।

| | |
|---|---|
| ମୂଲ୍ୟ ପ୍ରତିଶିଶି | ଟ ୦ ୩ |
| ପ୍ୟାକିଂ ଓ ଡାକଖର୍ଚ୍ଚା | ଟ ୦ ।୵ |

## ଅର୍ଶରୋଗର ବଟିକା ବା ଅର୍ଶରୋଗର ମହୌଷଧ ।

ଆମ୍ଭମାନଙ୍କର ଅର୍ଶରୋଗ ବଟିକା ଗୋଟିଏ ଉତ୍କୃଷ୍ଟ ମହୋପକାରୀ ଔଷଧ । ଏହା ବାହ୍ୟକ ବା ଆଭ୍ୟନ୍ତରିକ ଏବଂ ରକ୍ତସ୍ରାବୀ ବା ଶୁଷ୍କ ଅର୍ଶ ଆରୋଗ୍ୟ କରେ । ଏଥିରେ ଅଳ୍ପପରିମାଣର ଉପକାରୀ ଗୁଣ ଥିବାରୁ ଏହା ପାକସ୍ଥଳୀ ଉପରେ କାର୍ଯ୍ୟ କରି ବଦ୍ଧତା ଦୂର କରି ଉପଶମ କରେ ଏପର୍ଯ୍ୟନ୍ତ ଅଦ୍ଭୁତ ଅନ୍ୟ କୌଣସି ଔଷଧ ପ୍ରୟୋଗ ବା ଅସ୍ତ୍ରଚିକିତ୍ସା ଏହି ରୋଗକୁ ଶୀଘ୍ର ଓ ନିରାପଦ ଭାବରେ ଆରୋଗ୍ୟ ହୁଏ ନାହିଁ ।

| | |
|---|---|
| ମୂଲ୍ୟ ପ୍ରତିବାକ୍ସ ବ ୫୦ ବଟିକା ପୂର୍ଣ୍ଣ | ଟ ୧। |
| ପ୍ୟାକିଂ ଓ ଡାକଖର୍ଚ୍ଚା | ଟ ୦ ୵ |

ରୋଗର ସଂକ୍ଷିପ୍ତ ବିବରଣ ଓ ଅବସ୍ଥା ଲେଖିଲେ ବ୍ୟବସ୍ଥା ପତ୍ର ବା ଔଷଧ ପଠାଯାଇଥାଏ ସବିଶେଷ ମେଡ଼ିକେଲ, ଟ୍ରେଟମେଣ୍ଟ ପ୍ରାପ୍ତ ବିବରଣ ନିମନ୍ତେ ଲୋୟର ଚିତପୁର ୧୮-୧ ଓ ୧୯ ରୋଡ ଠିକଣାରେ ପତ୍ର ଲେଖନ୍ତୁ ।

Kaviraj N. N. Sen
Govt. Medical Deploma Holder,
18-1 & 19 Lower Chitpur Road
Calcutta



Digitized by srujanika@gmail.com

## ବିଜ୍ଞାପନ ।

## କଟକ ପରୀକ୍ଷାରେ ସିଦ୍ଧାନ୍ତ

### ପାଦଭଅବଂଶ ମହୌଷଧ

[illegible] ଅବ୍ୟର୍ଥ ମହୌଷଧ । [illegible]

ମୂଲ୍ୟ ୧ ଟଙ୍କା [illegible]

**କାନ୍ଥର ମହୌଷଧ;**— ଏହି ଔଷଧର [illegible]

ମୂଲ୍ୟ ୧ ଟଙ୍କା [illegible]

**ଦନ୍ତରକ୍ଷଣ ବା ଦନ୍ତବନ୍ଧୁ;**— [illegible]

ମୂଲ୍ୟ ୧ ଟଙ୍କା [illegible]

ଔଷଧ ଗ୍ରହଣାର୍ଥୀ ମାନଙ୍କୁ ଅପଣାର ନାମ, ଗ୍ରାମ, ଡାକଘର, ଜିଲ୍ଲା ସହିତ ଆମ୍ଭକୁ ଲେଖି ଔଷଧ ନେବେ ଟଙ୍କା ଅବଶ୍ୟ ଦେଇ ଲେଖିବେ ।

ପ୍ରାପ୍ତିସ୍ଥାନ ।

ଶ୍ରୀ [illegible]
[illegible], ବାଲେଶ୍ୱର

---

[illegible] ଶ୍ରୀ [illegible] ମହାପାତ୍ରଙ୍କର [illegible]

## ଅବ୍ୟର୍ଥ ମହୌଷଧ ।

[illegible]

ଔଷଧର ମୂଲ୍ୟ

[illegible]

ପ୍ରାପ୍ତିସ୍ଥାନ— [illegible] ମହାପାତ୍ର
ଆୟୁର୍ବେଦ [illegible] ।
[illegible], କଟକ ।

ପ୍ରଶଂସାପତ୍ର ସମ୍ବନ୍ଧରେ

[illegible]

Sd. Sudam Chandra Naik,
Asstt. Supdt. of Tributary
Mahals.

[illegible]

Sd, Gourshyam Mahanit
Govt Agent,
Nyagarh.
7.11.05

---

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilions Fevers, and mild form of Plague, Surgeon Major Jayakar says:—That it is, a safe and reliable remedy.

Batliwalla& Co's Cholerol, specific tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dedar Bombay and everywhere.

At Re. 1 per bottle Discount to the ade.

---

## ବିଜ୍ଞାପନ ।




## ଜରୀପ ଓ ନକ୍ସାର ଯନ୍ତ୍ର ବିକ୍ରୟ ।



[illegible]

M. R. Day & Bros. 29, RadhaBazar Calcutta

[illegible]

M. R. Day and Bros.
29 Radhabazar
Calcutta

## ଚକ୍ଷୁ ଦର୍ଶନ ଯନ୍ତ୍ରର ଛବି

[illegible]

M. R Day & Bros. 29, RadhaBazar Calcutta

Digitized by srujanika@gmail.com

Split by PDF Splitter





# ଅତି ଆଶ୍ଚର୍ଯ୍ୟ ଗୀତଯନ୍ତ୍ର ।



ଏତଦ୍ଵାରା ଅମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଅମ୍ଭେମାନେ ଗ୍ରାମୋଫୋନ କମ୍ପାନିଙ୍କର ଏଜେଣ୍ଟସି ଗ୍ରହଣ କରି ବାଲୁବଜାର ପ୍ରୁମାମଣ୍ଡପ ନିକଟରେ ଗୋଟିଏ ଦୋକାନ ଖୋଲିଅଛୁଁ । ଏଠାରେ ନାନା ପ୍ରକାର ଗୀତଯନ୍ତ୍ର ଓ ସର୍ବପ୍ରକାର ଗୀତର ରେକର୍ଡ଼ମାନ କମ୍ପାନି ଦର କଲିକତା ଦରରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛୁଁ । ପ୍ରକାଶଥାଉ କି ଅମ୍ଭେମାନେ ବହୁ ଅର୍ଥ ବ୍ୟୟରେ ଓଡ଼ିଆ ଗୀତର ରେକର୍ଡ଼ ପ୍ରସ୍ତୁତ କରାଇଅଛୁଁ । ଗ୍ରାହକବର୍ଗ ଅଭିଳାଷ ଅମ୍ଭମାନଙ୍କ [illegible] ଦେଇ ବାଧିତ କରିବେ ।

ପ୍ରୁଷ୍ଟି ମୁଖାର୍ଜି ଏଣ୍ଡ କୋମ୍ପାନି
ବାଲୁବଜାର
କଟକ

TRADE MARK
"GRAMOPHONE"

PRUSTY MUKHERJEE
& CO
BALUBAZAR
CUTTACK

GOOD NEWS ! GOOD NEWS !!



A Horse-Brand Timepiece to be given free to every Purchaser of this watch American Lever watch, prize medal awarded, Paris Exhn. 1878, keyless, or Roman figure, runs 30 hours, strong, medium size. Gtd. for 4 yrs. Price Rs. 4-8 postage 8 As. S. SEN & Co. 8-2 Ram Krishna Bagchi's Lane P. o. Beadonsquare, Calcutta.

## ପ୍ରେସ ବିଜ୍ଞାପନ ।

ଅମ୍ଭେ ଏତଦ୍ଵାରା ପ୍ରେସର ସ୍ଵତ୍ଵ କ୍ରୟ କରି ଜଗନ୍ନାଥ ଛାପରେ ପ୍ରେସ ସ୍ଥାପନ କରିଅଛୁଁ ଓଡ଼ିଆ, ଇଂରାଜୀ, ଓ ଦେବନାଗରୀ, ଅକ୍ଷରରେ ଫାର୍ମ, ଚେକ, ପୁସ୍ତକାଦି ସୁନ୍ଦରରୂପେ ଅଳ୍ପ ମୂଲ୍ୟରେ ମୁଦ୍ରିତ ହୋଇ ଗ୍ରାହକମାନଙ୍କ ଇଚ୍ଛାନୁଯାୟୀ ଦିଆଯାଉଅଛି । ଏହି ପ୍ରେସରେ ନାନା ପ୍ରକାର ଡିଜାଇନ ବୁକ ବର୍ଡ଼ର, କର୍ଣ୍ଣର ପ୍ରଭୃତି ଥିବାରୁ ଗ୍ରାହକମାନେ ଉତ୍କୃଷ୍ଟ କାର୍ଯ୍ୟ ପାଇଥିବେ । ଗ୍ରାହକ ମାନଙ୍କର ଇଚ୍ଛା ଅନୁଯାୟୀ ପୁସ୍ତକ ବାଇଣ୍ଡିଂ ହୋଇ ପଠାଯାଇ ପାରେ ।

ଶ୍ରୀ ଗୁରୁଦେବ ଦାସ
ପ୍ରୋପ୍ରାଇଟର, କଟକ ।

## WANTED

All to know that :—

The light of Asia Life Assurance Society, Limited

Head office :—VIZAGAPATAM is neither a Provident Fund nor a so-called LIFE ASSURANCE Co.

Incorporated under the Indian Companies Act VI of 1882 and XII of 1895.

CAPITAL Rs. 50000.

Funds invested in the Indian Government Security only

The Society has been started chiefly to place the benefits of Assurance within the reach of middle and poor class of people Assurances are granted on most approved and scientific Systems; Whole Life, Limited, payments and Endowment from 50 to 500 Rs

Children's Endowment most attractive and profitable. All policy holder participate in the profits of the society divided once in three years

Loans granted on the security of th Policy. The rates are very low. For further particulars Prospectus and forms &c. Apply to —

General Manager

Wanted English knowing influential Agents. Liberal Salary and Commission.

### ସତର୍କତା ।

ପ୍ରଭିଡେଣ୍ଟ ଫଣ୍ଡ କିମ୍ବା ତଥାକଥିତ ଲାଇଫ ଏସୁରେନ୍ସ କମ୍ପାନି ନୁହେଁ ।

### ହେଡ଼ ଅଫିସ ଭିଜାଗାପଟ୍ଟମ ।

ଭାରତୀୟ କମ୍ପାନି ଏକ୍ଟ ଅନୁସାରେ ସନ ୧୮୮୨ ମସିହା ୬ ଆଇନ ଏବଂ ସନ ୧୮୯୫ ମସିହାର ୧୨ ଆଇନ ଅନୁସାରେ ରେଜେଷ୍ଟ୍ରି ହୋଇଅଛି ।

### ମୂଳଧନ ଟ ୫୦୦୦୦ ଟଙ୍କା

ଟଙ୍କା ଭାରତୀୟ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି କାଗଜରେ ରହିବ ।

ମଧ୍ୟବିତ୍ତ ଏବଂ ଦରିଦ୍ର ଶ୍ରେଣୀର ଲୋକମାନଙ୍କୁ ଏସିଓରେନ୍ସ କମ୍ପାନିର [illegible] ପାଇବା ନିମନ୍ତେ ଏହି କମ୍ପାନି ଖୋଲାଯାଇଅଛି । ସବୁ ପ୍ରକାର ନିୟମ ଅନୁସାରେ ଜୀବନ ବୀମା [illegible] ଏବଂ ଟ ୫୦ ଠାରୁ ଟ ୫୦୦ ଟଙ୍କା ପର୍ଯ୍ୟନ୍ତ [illegible] ଏଣ୍ଡୋମେଣ୍ଟ ପଲିସି ଦିଆଯାଏ । [illegible] ଏଣ୍ଡୋମେଣ୍ଟ ଅତ୍ୟନ୍ତ ଲାଭଜନକ ଏବଂ ଲାଭ ଜନକ । ଏହି କମ୍ପାନିର ସମସ୍ତ ପଲିସି ହୋଲ୍ଡରମାନେ ତିନି ବର୍ଷରେ ଥରେ ବଣ୍ଟନ ହେଉଥିବା ଲାଭର ଅଂଶ ପାଇବେ । ପଲିସିର କାଗଜ ବନ୍ଧକ ରଖି ଅଳ୍ପ ସୁଧରେ ଟଙ୍କା ଧାର ଦିଆଯାଏ । ବିଶେଷ ବିବରଣ ଏବଂ ଆବେଦନ ପତ୍ରର ଫର୍ମ ପାଇବାକୁ ହେଲେ ଉପରୋକ୍ତ ଠିକଣାରେ ଆବେଦନ କରନ୍ତୁ ।

ଜେନେରଲ ମେନେଜର

ଇଂରାଜୀ ଜାଣିଥିବା ପ୍ରତିପତ୍ତିଶାଳୀ ଏଜେଣ୍ଟ ଆବଶ୍ୟକ ସେମାନେ ସନ୍ତୋଷ ବେତନ ଓ କମିଶନ ପାଇବେ ।

## ବିଜ୍ଞାପନ ।

## ନେତ୍ରାମୃତ ।

ଚକ୍ଷୁର ଶକ୍ତି କମ ହେଲେ ପଢ଼ିବା ଅସୁବିଧା ହେବ, ଦିନ୍ଦ୍ରି ଓ ନେତ୍ରରୋଗ, ଶରୀରର ଜ୍ୱାଳା ଇତ୍ୟାଦି ସବୁ ଭଲ ହୁଏ । ୧ ଶିଶି ଟ ୮୯ ଙ୍କା ମାତ୍ର । ମାଶୁଲ ୧ ଶିଶି ଟ ⁄୯ ମାତ୍ର

## ଅବ୍ୟର୍ଥ ଭିଙ୍କ

## ମୃତବତ୍ସା କବଚ ।

ଗର୍ଭିଣୀ ଓ ସଦ୍ୟୋଜାତ ଶିଶୁର ଗଳାରେ ବାନ୍ଧିଲେ ଅପଦେବତା ଓ ଡାହାଣୀ ଭୟ ରକ୍ଷା ହେବ । କାହାର ଗର୍ଭସ୍ରାବ ବା ପ୍ରସବାନ୍ତେ ସନ୍ତାନର ଅକାଳମୃତ୍ୟୁ ହେବ ନାହିଁ । ଅଷ୍ଟ ଓ ଚତୁର୍ଦ୍ଦଶ [illegible] ଦର ଟ ୬୫ ଙ୍କା ମାତ୍ର ।

ଶ୍ରୀ ହରିନାରାୟଣ ବନ୍ଦ୍ୟୋପାଧ୍ୟାୟ
ଚନ୍ଦନନଗର [illegible] ଶ୍ରୀ ଧାମ



Digitized by srujanika@gmail.com

Split by PDF Splitter



# ଆୟୁର୍ବେଦୀୟ

# ଔଷଧାଳୟ ।

ଏହି ଔଷଧାଳୟରେ ସର୍ବପ୍ରକାର ଅକୃତ୍ରିମ ତେଲ, ଘୃତ ମୋଦକ, ବଟିକା, ଗୁଳି, ଚୂର୍ଣ୍ଣ, ଚନ୍ଦ୍ରପ୍ରଭାଦି ଭସ୍ମ, ଅସଲ ମକରଧ୍ୱଜ ଏ ବକୃତ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ବଟିକ ରୋଗର ଅବସ୍ଥା ସବାଶେ ପତ୍ର ଲେଖିଲେ ସବ ଦୈକ ଶୀଘ୍ର ଔଷଧ ପଠାଯାଏ ।

ଜ୍ୱରାଶାନ୍ତି, ମେଲେରିଆ ଜ୍ୱର ଓ କାଳଜ୍ୱରର ଏକ-ମାତ୍ର ମହୌଷଧ ଜ୍ୱର, ପୁରାତନ ଜ୍ୱର ବାତ ପାଣି, ଯେତ ଶୋଥ, କାଶ, ପିତ୍ତ, ସହଜରେ ଆରୋଗ୍ୟ ହୁଏ, ଏକ ସପ୍ତାହରେ ପ୍ଲୀହା ଯକୃତ ଭଲ ହୁଏ ବଡ଼ ଶିଶି ୧ ॥ ଛୋଟ ଶିଶି ୧୦ ୮ । ଡାକମାସୁଲ ଓଜନର ୭୦ । ସ୍ୱତନ୍ତ୍ର ।

ପ୍ରମେହସୁଧା । ଉଭୟ ଖଣ୍ଡରେ ଜ୍ୱାଳା ଯନ୍ତ୍ରଣା ଭଲ ହୁଏ । ମୂତ୍ର ଓ ବୀର୍ଯ୍ୟ ପତନ (ଧାତୁ ପତନ) ସ୍ତ୍ରୀଙ୍କରେ ଶ୍ୱେତ ଓ ରକ୍ତପ୍ରଦର ରୋଗ ନଷ୍ଟ ହୁଏ, ଅତି ଅଳ୍ପ ସମୟରେ, ପ୍ରମେହ ଉପଶମରେ ଅତ୍ୟନ୍ତ ଜ୍ୱାଳା ଓ ବଳବୀର୍ଯ୍ୟ ପ୍ରମେହ ରୋଗ ପକ୍ଷରେ ଅବ୍ୟର୍ଥ ଓ ଅସ୍ତ୍ର ଫଳପ୍ରଦ ଏକ ଶିଶିର ମୂଲ୍ୟ ୧୲୰ ଖର୍ଚ୍ଚ ୧୰୵ ।

ଶାନ୍ତିଲ ମଲମ । ଉଭୟ ଖଣ୍ଡରେ ଘାଆ ଅତି ଅଳ୍ପ ଦିନରେ ଶୁଖିଯାଏ । ଘା ଭଲ ହୁଏ । ଛୋଟ ଡବା ୭୰ । ଭଲ ୭୵ ଖର୍ଚ୍ଚ ୭୰ ।

୧ ପ୍ରଶଂସାପତ୍ର । ଲେଖାର ଏକାଂଶ ଦିଆଗଲା ଶାନ୍ତିର ଆଶାରେ ପ୍ରତିତ ନିଜ ମହାଶୟଙ୍କ ମତ ଏହି ଜ୍ୱରଶାନ୍ତି ଓ ପ୍ରମେହସୁଧା ଏହି ଦୁଇ ଔଷଧ ଅତ୍ୟନ୍ତ ଉପକାରୀ ଅଛି ବହୁ ରୋଗୀଙ୍କୁ ଦେବାଦ୍ୱାରା ଉପକାର ପାଇଅଛି ।

୨ ଜ୍ୱରଶାନ୍ତି ବଟିକାଦ୍ୱାରା ଅନେକ ରୋଗୀ ଆରୋଗ୍ୟ କରିଅଛି । ଶୀଘ୍ର ଆଉ ଏକ ଡବା ପଠାଇବେ ।

ଶ୍ରୀ ଅନନ୍ତ ବିଶ୍ୱାଳ
ବସ୍ତା, ବାଲେଶ୍ୱର

୩ । ଜ୍ୱରଶାନ୍ତି ସେବନଦ୍ୱାରା ଅନେକ ଲୋକ ଆରୋଗ୍ୟ ହୋଇଅଛନ୍ତି । ଆଉ ଏକ ଏକଡବା ପଠାଇବେ ।

ଶ୍ରୀ ସୁଧାନିଧି ସାମନ୍ତରାୟ, ଘୁଲାଣି, ଜଳାଶୟ

୪ । ପ୍ରମେହସୁଧା ଔଷଧକୁ ବଟିକା ସେବନ କରି ଆରୋଗ୍ୟ ହେବାର ଦେଖାଯାଇଅଛି

ଶ୍ରୀ କେଶବ ମହାନ୍ତି, ବେଲାଳ ଅଫିସ ଖାଜଣ୍ଡର

୫ । ପ୍ରମେହସୁଧା ସେବନ କରି ବିଶେଷ ଉପକାର ପାଇ ଅଛି ଆଉ ଏକ ଶିଶି ପଠାଇବ

ଉଡ଼ିଆ ଦେଶୀୟ ଧାତୁ, ଆୟୁର୍ବେଦର ଚିକିତ୍ସା

ଏହି ସବୁ ଔଷଧ ଓ ଅନ୍ୟାନ୍ୟ ଔଷଧର ଅତି ଅନେକ ପ୍ରଶଂସାପତ୍ର ଅଛି । ଅଧିକ ଜାଣିବା ପୁସ୍ତକରେ ଦେଖିଲେ ବଟିକା ଟଙ୍କା ପଇସା ଅଗ୍ରୀମରେ ପଠାଇବେ ।

ପୋଃ ଷ୍ଟ୍ରୀଟରୋଡ୍ } କବିରାଜ ଗୀରବାପ୍ରସାଦ
ବାଲୁବଜାର, କଟକ } କବିରତ୍ନ

# ସୁଧାକର ଚୂର୍ଣ୍ଣ ।

ଏହା ଲେଖକଙ୍କର ପେଟ ଭଲ ହଜମ, ଅମ୍ଳରୋଗ ଶୂଳ, ବଳକ୍ଷୟ, ନଷ୍ଟ-ଅଗ୍ନି-ଜାତୀୟ ରୋଗ, ଅତି କୃତିକ—ପେଟଫୁଲା ସ୍ଥାନମାନଙ୍କର ବ୍ୟଥା ଓ ଜ୍ୱର, ଅତି ଗୁରୁ, ସ୍ତ୍ରୀ ଓ ସୂତିକାମାନଙ୍କର ଶରୀରଭଙ୍ଗ ବା, ଅପଚ ରୋଗ (ଧାତୁର ପୀଡ଼ା) ଏହି ଶୀଘ୍ର ଆରୋଗ୍ୟ ହୁଏ ଯେ ଉଦ୍ଦେଶ୍ୟ ସେବୀ ଚମତ୍କୃତ ଓ ମୁଗ୍ଧ ହୋଇଥାନ୍ତି । ଅଧିକ ସୁଧା ଯେ ବିଜ୍ଞାପନ ଦେବାକୁ ହେବ ନାହିଁ । ଏହା ମାତ୍ର ସ୍ୱଦେଶୀୟ ଶାସ୍ତ୍ରଙ୍କ ଭାବରେ ପ୍ରସ୍ତୁତ ଏବଂ ବଢ଼ିଆ ପଥ୍ୟରେ ନିଶ୍ଚୟ ଉପକାର ହେବ । ଏହାର ଅବ୍ୟର୍ଥ ଗୁଣରେ ଆପଣ ମୁଗ୍ଧ ହୋଇବେ ।। ଭିଃ ପିଃ ମାସୁଲ ସହ ୧୲ ଏକ ପ୍ୟାକେଟର ମୂଲ୍ୟ ୮/ଣ

ଶ୍ରୀ ଦ୍ୱାରକାପ୍ରସାଦ ଚଟ୍ଟୋପାଧ୍ୟାୟ
ଦଶାଶ୍ୱମେଧ ଘାଟ କାଶୀଧାମ

ସେଉ ୮କ୍କ ବର୍ଷର ଅବେଦ୍ୟ ସମାଚାର ପଢ଼ିଲି ଔଷଧର ଉପକାରିତାର ଉତ୍କୃଷ୍ଟ ଓ ଯଥାର୍ଥ ପ୍ରମାଣ । ଏ ପ୍ରକାର ପତ୍ର ଅନେକ ଅଛି, ସେଥି ମଧ୍ୟରୁ କେବଳ ୩ ଖଣ୍ଡ ମାତ୍ର ପତ୍ରର ମୂଳ ଗାଳ୍ୟାଂଶ ପ୍ରକାଶ କଲୁ । ପାଠ କରି ଦେଖନ୍ତୁ ସପକ୍ଷ ନେଇବାର ଉଚିତ ସ୍ୱରୂପ ପ୍ରତ୍ୟକ୍ଷ ମହୌଷଧ ।

ମହାଶୟ । ଏହି ଔଷଧ ସେବନ ଓ ପଡ଼ିବାର ବ୍ୟବହାର କରି କୌଣସି ପ୍ରକାର ଫଳ ପାଇ ନାହିଁ । ଆପଣଙ୍କର ସୁଧାକର ଚୂର୍ଣ୍ଣ ସେବନରେ ଅମର ଅପୂର୍ବ ଜେଚାରୋଗ ଅତି ଅଳ୍ପ ସମୟ ମଧ୍ୟରେ ଆରୋଗ୍ୟ ହୋଇଅଛି । ଏହା ଯେତ ରୋଗର ଉତ୍କୃଷ୍ଟ ମହୌଷଧ ।

ଶ୍ରୀ ଅଶ୍ୱିନୀକୁମାର ମୁଖୋପାଧ୍ୟାୟ
